# ଜିଲ୍ଲାସ୍ତରୀୟ ଝୋଟ ବ୍ୟାଗ୍ ବଣ୍ଟନର ଶୁଭାରମ୍ଭ



**କୋରାପୁଟ,୯।୨(ସମିସ)**

କୋରାପୁଟ ପୌର ପରିଷଦ ଅନ୍ତର୍ଗତ ରଥଶର୍ମା କଲୋନୀରେ ଥିବା ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଝୋଟ ତିଆରି ବ୍ୟାଗ ବଣ୍ଟନର ଶୁଭାରମ୍ଭ କରାଯାଇଛି। ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ବ୍ୟାଗ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ୯ ନମ୍ବର ୱାର୍ଡର କାଉନସିଲର ପୁଣ୍ୟତୋୟା ଦୀପଶିଖା କୁଲୁ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରପାଲ, କୋରାପୁଟ ମ୍ୟୁନିସିପାଲିଟି ସିଏମଏମୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ବଜାର ନିରୀକ୍ଷକ ପ୍ରଭାସ ରଞ୍ଜନ ଶତପଥି ପରିଚାଳନା କରିଥିବାବେଳେ ଟି. ରୋଷଣୀ ଓ ରବି ଶଙ୍କର ପରିଚାଳନାରେ ସହଯୋଗ କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ହିତାଧିକାରୀଙ୍କୁ ଦୁଇଟି ଲେଖାଏଁ ଝୋଟ ବ୍ୟାଗ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। କୋରାପୁଟ ଜିଲ୍ଲାର ୩ ଲକ୍ଷ ୬୯ ହଜାର ୨୫୩ ଜଣ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ୭ ଲକ୍ଷ ୩୮ ହଜାର ୫୦୬ଟି ଝୋଟ ତିଆରି ବ୍ୟାଗ୍ ପ୍ରଦାନ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି।

## ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ଦୁଇଟି ଲେଖାଏଁ ଝୋଟ ବ୍ୟାଗ୍ ପ୍ରଦାନ

# 'ପ୍ଲାଷ୍ଟିକମୁକ୍ତ ନବରଙ୍ଗପୁର ଗଠନ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉଦ୍ଦେଶ୍ୟ'

**ନବରଙ୍ଗପୁର,୯।୨(ସମିସ)**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉଦ୍ଦେଶ୍ୟ ଯେ, ସାରା ଓଡ଼ିଶାର ପଞ୍ଚାୟତର ସବୁ ଗ୍ରାମ କିଭଳି ପଲିଥିନମୁକ୍ତ ହେବ ଏବଂ ପ୍ରଦୂଷଣ ମୁକ୍ତ ଓଡ଼ିଶା ଗଠନ ଉଦ୍ଦେଶ୍ୟ ନେଇ ଆଜି ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ଖାଦ୍ୟ ସୁରକ୍ଷା ହିତାଧିକାରୀ ପ୍ରତ୍ୟେକ ପରିବାରକୁ ଦୁଇଟି ଲେଖାଏଁ ଝୋଟ ବ୍ୟାଗ ପ୍ରଦାନ କରିଛନ୍ତି। ଏହି ଅବସରରେ ଆଜି ନବରଙ୍ଗପୁର ଜିଲ୍ଲାରେ ମଧ ହିତାଧିକାରୀ ପରିବାରକୁ ଦୁଇଟି ଲେଖାଏଁ ଝୋଟ ବ୍ୟାଗ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଆଜିର ଏହି ଝୋଟ ବ୍ୟାଗ ପ୍ରଦାନ କାର୍ଯ୍ୟକ୍ରମରେ ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ ଯୋଗଦେଇ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ଝୋଟ ବ୍ୟାଗ ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ କିଛି ନା କିଛି ଐତିହାସିକ ପଦକ୍ଷେପ ନେଇଥାନ୍ତି। ସେହିଭଳି ଆଜି ଯେଉଁ ଏକ ଐତିହାସିକ ପଦକ୍ଷେପ ନେଇ ଓଡ଼ିଶା, ସାରା ଜିଲ୍ଲା ଓ ପ୍ରତ୍ୟେକ ଗ୍ରାମ କିଭଳି ପଲିଥିନମୁକ୍ତ ଏବଂ ପ୍ରଦୂଷଣମୁକ୍ତ ହେବ ଏହି ସବୁର ଚିନ୍ତା କରି ଆଜି ଏହି ପଦକ୍ଷେପ ନେଇଛନ୍ତି। ଯୋଗାଣ ବଣ୍ଟନରେ ସାମିଲ ଥିବା ସମସ୍ତ ହିତାଧିକାରୀଙ୍କୁ ଗୋଟିଏ ୧୦ କିଲୋ ଏବଂ ଆଉ ଗୋଟିଏ ୨୦ କିଲୋ ସେହିଭଳି ଦୁଇଟି ଲେଖାଏଁ ବ୍ୟାଗ ପ୍ରଦାନ କରିଛନ୍ତି। ଏଥିପାଇଁ ମୁଁ ମୋର ଜିଲ୍ଲାବାସୀଙ୍କ ପକ୍ଷରୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି। ଏହି ଅବସରରେ ମୁଁ ମୋର ପ୍ରତ୍ୟେକ ଜିଲ୍ଲାବାସୀଙ୍କୁ ଅନୁରୋଧ କରୁଛି ଯେ, ଆମେ ପଲିଥିନ ବ୍ୟବହାରକୁ ବନ୍ଦ କରିବା ଆଉ ସବୁବେଳେ ଚେଷ୍ଟା କରିବା ଯେ, କିଭଳି ଝୋଟ ବ୍ୟାଗ ହିଁ ବ୍ୟବହାର କରିବା ଏବଂ ଆମ ଜିଲ୍ଲା, ଆମ ବ୍ଲକ, ଆମ ପଞ୍ଚାୟତ ଏବଂ ଆମ ଗ୍ରାମକୁ ପଲିଥିନ ମୁକ୍ତ କରି ସ୍ୱଚ୍ଛ ଗ୍ରାମରେ ପରିଣତ କରିବା ବୋଲି କହିଥିଲେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ନାୟକ।

ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେଇ ନବରଙ୍ଗପୁର ଜିଲ୍ଲାର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ ଥିବା ସମସ୍ତ ହିତାଧିକାରୀଙ୍କୁ ଗୋଟିଏ ୧୦ କିଲୋ ଆଉ ଗୋଟିଏ ୨୦ କିଲୋ ଦୁଇଟି ଝୋଟ ବ୍ୟାଗ ବିନା ମୂଲ୍ୟରେ ପ୍ରଦାନ କରାଯିବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ହିତାଧିକାରୀ କିଭଳି ସୁବିଧାରେ ସେମାନଙ୍କ ଜିନିଷ ପତ୍ର ଘରକୁ ନେଇପାରିବେ ଏବଂ ସମସ୍ତ ହିତାଧିକାରୀ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର ନ କରି ଝୋଟ ବ୍ୟାଗ ବ୍ୟବହାର କରିବେ। ଯାହା ଫଳରେ ଧୀରେ ଧୀରେ ପ୍ଲାଷ୍ଟିକ ମୁକ୍ତ ଓ ପଲିଥିନ ମୁକ୍ତ ଜିଲ୍ଲାରେ ଦିନେ ପରିଣତ ହେବ ଆମର ଏହି ନବରଙ୍ଗପୁର ଜିଲ୍ଲା ବୋଲି କହିଛନ୍ତି ଜିଲ୍ଲାପାଳ ଶ୍ରୀ ମିଶ୍ର। ଆଜିଠୁ ଜିଲ୍ଲାର ୧୦ଟି ବ୍ଲକ୍ ଏବଂ ଦୁଇଟି ପୌର ପରିଷଦର ୨୧୨ଟି ଏଫପିଏସରେ ବଣ୍ଟନ କରାଯିବ ଏବଂ ଜିଲ୍ଲାର ମୋଟ ୩ ଲକ୍ଷ ୧୬ ହଜାର ୬୦୩ ଜଣ ହିତାଧିକାରୀଙ୍କୁ ଦୁଇଟି ଲେଖାଏଁ ଅର୍ଥାତ୍ ୩ ଲକ୍ଷ ୧୬ ହଜାର ୬୦୩ଟି ୧୦ କିଲୋର ଝୋଟ ବ୍ୟାଗ ଏବଂ ୩ ଲକ୍ଷ ୧୬ ହଜାର ୬୦୩ଟି ୨୦ କିଲୋର ଝୋଟ ବ୍ୟାଗ ମିଶି ମୋଟ ୬ ଲକ୍ଷ ୩୩ ହଜାର ୨୦୬ଟି ଝୋଟ ବ୍ୟାଗ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ବ୍ୟାଗ ବଣ୍ଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧକ୍ଷା ଲିପିକା ବାରୋଇ, ନବରଙ୍ଗପୁର ବ୍ଲକ୍ ଅଧକ୍ଷ ଶରତ ଭତରା, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ମିଳନ କୁମାର ମାଝୀ, ବିଷ୍ଣୁ ପ୍ରସାଦ ରାଉତ, ଯୋଗାଣ ନିରୀକ୍ଷକ ରାଜେଶ ଶବର ପ୍ରମୁଖଙ୍କ ସମେତ ପୌର ପରିଷଦର ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଓଲଟି ୧୧ ଆହତ

**ନାରାୟଣପାଟଣା,୯।୨(ସମିସ):** ନାରାୟଣପାଟଣା ବ୍ଲକର ବୋରିଗି ଘାଟିରେ ଏକ ଟ୍ରାକ୍ଟର ରାସ୍ତାରେ ଓଲଟି ୧୧ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ଆହତ ସମସ୍ତଙ୍କୁ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ କୋରାପୁଟ ଏସଏଲ୍ଏନକେ କଲେଜକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଦୁଇଜଣ ଶିଶୁ ଅଛନ୍ତି। ବୋରିଗି ପଞ୍ଚାୟତର କେଲୁବାଡି ଗ୍ରାମରେ ଏକ ବାହାଘର ଛାମୁଣ୍ଡିଆ ପାଇଁ



ଜଙ୍ଗଲରୁ କାଠ ସଂଗ୍ରହ କରି ଫେରିବାବେଳେ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ ଟ୍ରାକ୍ଟରଟି ରାସ୍ତା ଉପରେ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଟ୍ରାକ୍ଟର ଟ୍ରେଲର ତଳେ ଚାପି ହୋଇ ପଡ଼ିଥିବାବେଳେ ସେହି ସମୟରେ ଆନ୍ଧ୍ରକୁ ଯାଉଥିବା କିଛି ବ୍ୟକ୍ତି ଏକ ଅଟୋ ଦ୍ୱାରା ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଉଥିଲା। ୧୦୮ ଆମ୍ବୁଲାନ୍ସ ପହଞ୍ଚି ଅଟୋରୁ ଆହତଙ୍କୁ ମେଡିକାଲରେ ପହଞ୍ଚାଇଥିଲା। ଗୁରୁତରଙ୍କ ମଧ୍ୟରୁ ୨ ଜଣ ଶିଶୁ ରହିଥିବାରୁ ମେଡିକାଲ ପରିସରରେ ଏକ ଦୁଃଖଦ ପରିବେଶ ଦେଖାଦେଇଥିଲା। ଆହତଙ୍କ ମଧ୍ୟରୁ ସେନ୍ତାମାଣ୍ଡିଙ୍ଗି ନାମକ ଜଣେ ମହିଳାଙ୍କ ସମେତ ଝିନ୍ନ ମାଣ୍ଡିଙ୍ଗି ଓ ଅରୁଣ ମେଲେକା ଦୁଇ ଜଣ ଶିଶୁଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଚାନ୍ଦିନି ମାଣ୍ଡିଙ୍ଗି, ନନ୍ଦିନୀ ମାଣ୍ଡିଙ୍ଗି, ଅନିମା ମେଲେକା, ମିଥୁନ ହାରେକା, ଟୁନା ହୁଇକା, ମୁନା ମେଲେକା, ଭାସ୍କର ହୁଇକା ଓ ବିମଳା ମାଣ୍ଡିଙ୍ଗି। ସମସ୍ତେ କେଲୁବାଡ଼ି ଗ୍ରାମର ଅଟନ୍ତି।

# ଆଜି ବଣ୍ଟାଯିବ କୃମିନାଶକ ଔଷଧ

**ନବରଙ୍ଗପୁର,୯।୨(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜାତୀୟ କୃମିନାଶକ ଦିବସ ୨୦୨୪ ପାଳନ ଅବସରରେ ଶୁକ୍ରବାର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶନିବାର ଜିଲ୍ଲାର ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟ ବିଭାଗ ଅନୁଷ୍ଠାନରେ କୃମିନାଶକ ଔଷଧ ଦିଆଯିବ। ଯେଉଁମାନେ ନିର୍ଦ୍ଧାରିତ ଏହି ଦିନ କୃମି ଔଷଧ କାରଣ ବଶତଃ ନେଇପାରି ନ ଥିବେ ସେମାନେ ଚଳିତ ମାସ ୧୭ ତାରିଖ ଦିନ ନେଇପାରିବେ। ଏଥିପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଏହି କୃମିନାଶକ ଅଭିଯାନ ମାଧ୍ୟମରେ ୪୩୧୭୨୮ ଜଣ ୧ରୁ ୧୯ ବର୍ଷ ମଧ୍ୟରେ ଥିବା ପିଲାମାନଙ୍କୁ କୃମିନାଶକ ଔଷଧ ବଣ୍ଟନ କରାଯିବ। ଜିଲ୍ଲାର ୧୦ଟି ବ୍ଲକର ୨ଟି ପୌରପାଳିକାରେ ୨୨୮୨ ଅଙ୍ଗନବାଡ଼ି କର୍ମୀ, ୨୦୪୪ ଆଶାକର୍ମୀ, ୫୬୯ ସ୍ୱାସ୍ଥ୍ୟ କର୍ମୀ ଏହି କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଛି। ଜିଲ୍ଲାର ୧୯୬୬ଟି ସରକାରୀ, ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ କୃମିନାଶକ ଔଷଧ ବଣ୍ଟନ କରାଯିବ। ୧ରୁ ୧୯ ବର୍ଷର ପିଲାମାନେ ଏବଂ ୨୦ ରୁ ୨୪ ବର୍ଷର ସମସ୍ତ ମହିଳାମାନେ ଯେପରି କୃମିନାଶକ ଔଷଧ ସେବନରୁ ବାଦ୍ ନ ପଡ଼ନ୍ତି ସେଥିପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଜିଲ୍ଲାପାଳ ଡ. ମିଶ୍ର ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କାଳୀପ୍ରସାଦ ବେହେରା, ଏଡିଏମଓ ଡା. ସୁକାନ୍ତ ଶତପଥି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଡିପିଏମ୍ ସୁଶାନ୍ତ ପ୍ରହରାଜ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାସନ୍ଦ ପରିବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ନବରଙ୍ଗପୁର,୯।୨(ସମିସ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଅନ୍ତର୍ଗତ ଗଞ୍ଜାପାରା ଗ୍ରାମପଞ୍ଚାୟତର ହାତୀବେଣା ଗ୍ରାମର କିଛି ବାସନ୍ଦ ପରିବାର ଶୁକ୍ରବାର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଦ୍ୱାରସ୍ଥ ହେବା ସହ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଏନେଇ ଏକ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କୁ ସେମାନେ ପ୍ରଦାନ କରିଛନ୍ତି। ଗ୍ରାମ ସଭାପତିଙ୍କ ସମେତ କିଛି ଲୋକ ମିଶି ଗ୍ରାମର କିଛି ପରିବାରଙ୍କୁ ଆଜକୁ ୬ ମାସ ହେବ ବାସନ୍ଦ କରିଛନ୍ତି। ସେମାନଙ୍କୁ ଜଳଯୋଗାଣ ବନ୍ଦ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ହସ୍ତକ୍ଷେପ କରି ବନ୍ଦ କରିଥିବା, ଗ୍ରାମରେ ଥିବା ଦୋକାନରୁ ରାସନ୍ ଜିନିଷ କ୍ରୟ କରିବା ପାଇଁ ଦେଉ ନ ଥିବା, ପାନୀୟଜଳ ଯୋଗାଣ ବନ୍ଦ କରିଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ବହୁବାର ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ଯ କୌଣସି ସୁଫଳ ମିଳି ନ ଥିବା ବାସନ୍ଦ ପରିବାରମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆମେ ଆମ ପିତୃପୁରୁଷ ଅମଳରୁ ଦୀର୍ଘ ବର୍ଷ ହେବ ଉକ୍ତ ସରକାରୀ ଜାଗା ଓ ଜଙ୍ଗଲ ଜମିରେ ରହି ଆସୁଛୁ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଆମକୁ ଘର ପଟ୍ଟା ମଧ୍ୟ ମିଳିପାରିଲା ନାହିଁ ବୋଲି ସେମାନେ କହିଥିଲେ। ଗ୍ରାମବାସୀଙ୍କ ସମସ୍ତ ବିଷୟ ଶୁଣିବା ପରେ ଯାହା ସରକାରୀ ନିୟମ ରହିଛି ସେହି ଅନୁସାରେ ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଜିଲ୍ଲାପାଳ ଡ. ମିଶ୍ର। ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ଜୟଦେବ ସରକାର, ମହାମାୟା ମଲ୍ଲିକ, ରବିନ ସିକଦାର, ଗୋବିନ୍ଦ ମଣ୍ଡଳ, ଅମନ୍ ମଲ୍ଲିକ, ପ୍ରଦୀପ ସିକଦର, ନାରାୟଣ ମଣ୍ଡଳ, କିଶୋରୀ ଲାଲ ସରକାର, ଆରତି ମଲ୍ଲିକ, ରେଣୁ ସିକଦର, ପୁଷ୍ପା ମଣ୍ଡଳ ପ୍ରମୁଖଙ୍କ ସମେତ ବହୁ ପରିବାର ଲୋକେ ଉପସ୍ଥିତ ଥିଲେ।

# ବିଜେଡି କର୍ମୀ ସମ୍ମିଳନୀ



**କୋରାପୁଟ,୯।୨(ସମିସ):** ପୁଜାରୀପୁଟ କଲ୍ୟାଣମଣ୍ଡପଠାରେ କୋରାପୁଟ ପୌର ପରିଷଦ ଅନ୍ତର୍ଗତ ୨ ନମ୍ବର ୱାର୍ଡ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାଉନସିଲର ତଥା ପୌର ଉପାଧକ୍ଷା ସବିତା ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ପର୍ଯ୍ୟବେକ୍ଷକ ରମା ରାଉଳ, ପୌର ଅଧକ୍ଷ ଲଲାଟ ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ସଂଗଠନ ଉପରେ ଆଲୋଚନା କରିଥିଲେ। ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ ଜରିଆରେ କର୍ମୀମାନେ ପ୍ରତ୍ୟେକ ପରିବାର ପାଖେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ବିଜେଡି ନଗର ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, ଜିଲ୍ଲା ଉପସଭାନେତ୍ରୀ ଲିଲି ବୁରୁଡ଼ି, ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ନାର୍ଶୁଲ କାମୁଡ଼ି ଉପସ୍ଥିତ ଥିଲେ।

# ସେକ୍ଟର ଅଫିସରଙ୍କ ତାଲିମ ଶିବିର

**କୋରାପୁଟ,୯।୨(ସମିସ):** କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମଠାରେ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସେକ୍ଟର ଅଫିସର ଓ ପୁଲିସ ସେକ୍ଟର ଅଫିସରମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ଓ ଦଶମନ୍ତପୁର ବିଡିଓ ମିଳନ କୁମାର ଝାଙ୍କର ଉପସ୍ଥିତ ରହି ଇଭିଏମଠାରୁ ଆରମ୍ଭ କରି ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ତାଲିମ ପ୍ରଦାନ କରିଥିଲେ। ସମ୍ବେଦନ ଓ ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରିବାକୁ ପୁଲିସ ସେକ୍ଟର ଅଫିସରମାନଙ୍କୁ କୁହାଯାଇଥିବା ଜଣାପଡ଼ିଛି। ଏହି ତାଲିମ ଶିବିରରେ ୩୦ ଜଣ ସେକ୍ଟର ଅଫିସରଙ୍କ ସହ ୧୫ ଜଣ ପୁଲିସ ସେକ୍ଟର ଅଫିସର ଉପସ୍ଥିତ ଥିଲେ।

# ଦୁଇ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୯।୨(ସମିସ):**

ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ ସୁକୁମା ଜିଲ୍ଲା ପୁଲିସ ନିକଟରେ ଏକଲକ୍ଷ ଇନାମୀ ମହିଳା ମାଓବାଦୀଙ୍କ ସହ ଦୁଇଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତଥ୍ୟ ଅନୁଯାୟୀ ଆଜି ସୁକୁମା ମାଓ ଅପରେସନ କାର୍ଯ୍ୟାଳୟଠାରେ ଚିନ୍ତାଗୁଫା ନିବାସୀ କେଏଏମ୍ଏସ୍ ଅଧକ୍ଷା ପଡ଼ିଆମି ରାଜେ ଓ ମିଲିସିଆ ସଦସ୍ୟ କବାସୀ ଭୋଲା ଆତ୍ମସମର୍ପଣ କରିଛନ୍ତି। ତେବେ ପଡ଼ିଆମି ରାଜେଙ୍କ ଉପରେ ସରକାର ଏକ ଲକ୍ଷ ଇନାମ ଘୋଷଣା କରିଥିବା ବେଳେ ବର୍ତ୍ତମାନ ପୁଲିସ ଦ୍ୱାରା ହେଉଥିବା ମାଓ ଦମନ ଅଭିଯାନରେ ଅନୁପ୍ରାଣିତ ହୋଇ ଏହି ଦୁଇଜଣ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏଥିସହ ବର୍ତ୍ତମାନ ମାଓ ସଂଗଠନରେ ପୂର୍ବ ଆଦର୍ଶ ନଥିବା ସହ ବରିଷ୍ଠ ମାଓ ନେତାମାନେ ଏମାନଙ୍କ ଉପରେ ଅତ୍ୟାଚାର କରୁଥିବା ଏବଂ ନିରୀହ ଗ୍ରାମବାସୀଙ୍କୁ ହତ୍ୟା କରୁଛନ୍ତି। ଏଥିସହ କୌଣସି ଉନ୍ନତିମୂଳକ କାର୍ଯ୍ୟ କରୁନଥିବା ବେଳେ ସରକାରଙ୍କ ତରଫରୁ ବହୁ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟ ଚାଲୁଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏହି ଦୁଇଜଣ ଆତ୍ମସମର୍ପଣ କରିବା ସମୟରେ ମାଓ ଅପରେସନ କାର୍ଯ୍ୟାଳୟର ଅତିରିକ୍ତ ପୁଲିସ ଅଧୀକ୍ଷକ ଉତମ ପ୍ରତାପ ସିଂହ ଓ ସହାୟକ କମାଣ୍ଡର ୫୦ ବାଟାଲିୟନ ସିଆରପିଏଫ ବରୁଣ ରାଜ ଉପସ୍ଥିତ ଥିଲେ।

# ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବି ନେଇ ଦାବିପତ୍ର ପ୍ରଦାନ

**ନବରଙ୍ଗପୁର,୯।୨(ସମିସ):** ନବରଙ୍ଗପୁର ଜିଲ୍ଲାଭିତ୍ତିକ ନିଯୁକ୍ତି ପ୍ରଦାନ ଦାବି ନେଇ ଶୁକ୍ରବାର ଆଶାୟୀ କନିଷ୍ଠ ଶିକ୍ଷକ ସଂଘ, ମିଳିତ ଯୁବକଯୁବତୀ ସରକାରୀ ଚାକିରି ଆଶାୟୀ ସଂଘ ନବରଙ୍ଗପୁର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିଗୁଡ଼ିକ ମଧ୍ୟରେ ଜିଲ୍ଲାଭିତ୍ତିକ ନିଯୁକ୍ତି, କନିଷ୍ଠ ଶିକ୍ଷକ ନିଯୁକ୍ତିର ଫଳାଫଳ ବାହାର କରାଯାଇ ମେଧା ତାଲିକା ପ୍ରକାଶ କରିବା, ବିଜ୍ଞପ୍ତି ଅନୁସାରେ ଚୟନ କରାଯିବା, ଅନୁସୂଚିତ ଜାତି ଓ ଜନଜାତି ପାଇଁ ସ୍ୱତନ୍ତ୍ର ନିଯୁକ୍ତି ବ୍ୟବସ୍ଥା କରାଯିବା, ଚତୁର୍ଥ ଶ୍ରେଣୀ କର୍ମଚାରୀ ସମେତ ସମସ୍ତ ନିଯୁକ୍ତି ଜିଲ୍ଲାଭିତ୍ତିକ କରାଯିବା, ଅନୁସୂଚିତ କ୍ଷେତ୍ର ଅନୁଯାୟୀ ନିଯୁକ୍ତି କ୍ଷେତ୍ର ପ୍ରାଧାନ୍ୟ ଦିଆଯିବା ଏବଂ ପ୍ରକାଶିତ ମେଧା ତାଲିକା ରଦ୍ଦ କରି ନୂତନ ତାଲିକା ପ୍ରକାଶ କରାଯିବା ଭଳି ୭ଟି ଦାବି ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ପ୍ରଶାନ୍ତ କୁମାର ନାୟକ ଏବଂ ସମ୍ପାଦକ ସିବାର୍ଜୁନ ମିସ୍ତ୍ରୀଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଏବଂ ସଦସ୍ୟ ଯୋଗଦେଇଥିଲେ।

# ଦୋକାନ ପୋଡ଼ି ଘଟଣାକୁ ନେଇ ଥାନାରେ ଉତ୍ତେଜନା

**କଲ୍ୟାଣସିଂହପୁର,୯।୨(ସମିସ):**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଥିବା ଏକ ମାଂସ ଦୋକାନ ପୋଡ଼ି ଘଟଣାକୁ ନେଇ ଶୁକ୍ରବାର ଥାନାରେ ଉତ୍ତେଜନା ଲାଗିରହିଥିବା ଦେଖିବାକୁ ମିଳିଛି। କଲ୍ୟାଣସିଂହପୁରରେ ପ୍ରାୟ ୬ରୁ ୭ମାସ ହେବ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାହାଫଳରେ ଚୋରୀ, ଡକାୟତି, ଦୁର୍ଘଟଣା, ମଦୁଆ ଓ ଜୁଆଆଡ୍ଡା ବହୁ ସଂଖ୍ୟାରେ ବଢ଼ିଚାଲିଛି। ସୂଚନାନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମାଂସ ଦୋକାନ ପୋଡ଼ି ଦେଇ ଅନ୍ୟ ସାମଗ୍ରୀ ଗୁଡ଼ିକ ନେଇଯାଇଥିବା ଅଭିଯୋଗ ନେଇ ରାଜେନ୍ଦ୍ର କୌଶଲ୍ୟା ଥାନାକୁ ଯାଇଥିଲେ। ଥାନା ପରିସରରେ ତାଙ୍କର ମାଂସ କାଟିବାରେ ବ୍ୟବହାର ସାମଗ୍ରୀ ଦେଖିଥିଲେ। ଉକ୍ତ ବିଷୟ ନେଇ ଥାନା ଅଧିକାରୀଣୀ ସୁମନ୍ତି ମହାନ୍ତିଙ୍କୁ ପଚାରିବାରୁ ଜାତିଆଣକୁ ଆକ୍ଷେପ କରି ଗାଳିଗୁଲଜ କରିଥିବା କହିଥିଲେ। ଏହାକୁ ନେଇ ତୁମେ ଏସପି, ଡିଏସପି ଓ ଏସଡିପିଓ ଯାହାକୁ ପାରୁଛ କୁହ ବୋଲି କହିଥିବା ରାଜେନ୍ଦ୍ର କହିଥିଲେ। ଏହି ଖବର ଦଳିତ ଭାଇମାନେ ଏକତ୍ରିତ ହୋଇ ଥାନାରେ ଉତ୍ତେଜନା କରିଥିଲେ। ଜଣେ ଥାନା ଅଧିକାରିଣୀ ଆଇନ ରକ୍ଷକ ହୋଇ ସେ କିପରି ଆଇନକୁ ହାତକୁ ନେଇ ଏଭଳି କାର୍ଯ୍ୟ କରିଛନ୍ତି। ଉକ୍ତ ବିଷୟରେ ଏସଡିପିଓ ରଶ୍ମିରଞ୍ଜନ ସେନାପତି ଜାଣିପାରି ଥାନାକୁ ଆସିଥିବା ଦେଖିବାକୁ ମିଳିଛି। ଏସଡିପିଓ ଆସିବାରୁ ଉକ୍ତ ବିଷୟକୁ ନେଇ ରାଜେନ୍ଦ୍ର ଲିଖିତ ଅଭିଯୋଗ କରିଥିଲେ। ଏସମ୍ପର୍କରେ ଏସଡିପିଓ ରଶ୍ମିରଞ୍ଜନ ସେନାପତିଙ୍କୁ ପଚାରିବାରୁ ଉତ୍ତେଜିତ ଲୋକଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରାଯାଇଛି। ପରବର୍ତ୍ତୀ ସମୟରେ କୌଣସି ଅଭିଯୋଗ ଆସିଲେ ଉଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ପୁରାତନ ଚିକିତ୍ସାଳୟ ପରିସରରେ ଫିଲ୍ମ ସୁଟିଂ

# ଦର୍ଶକଙ୍କ ପ୍ରବଳ ଭିଡ଼; ରାସ୍ତାରେ ଟ୍ରାଫିକ୍ ଜାମ୍




**ଜୟପୁର,୯।୨(ସମିସ):**

କୋରାପୁଟ ଜିଲ୍ଲା ଜୟପୁର ସହରରେ ପୁରାତନ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଶୁକ୍ରବାର ତେଲୁଗୁ ଫିଲ୍ମ ସୁଟିଂ ଅନୁଷ୍ଠିତ ହୋଇଥିଲା। ଏହିପରି ପୁରାତନ ଚିକିତ୍ସାଳୟ ଫାଟକ ସମ୍ମୁଖରେ ଦର୍ଶକଙ୍କ ପ୍ରବଳ ଭିଡ଼ ଯୋଗୁଁ ରାସ୍ତା ଉପରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଟାଉନ ଥାନା ଏବଂ ଟ୍ରାଫିକ ପୁଲିସ ମିଳିତ ଭାବେ ନିୟୋଜିତ ହୋଇ ଟ୍ରାଫିକ ନିୟନ୍ତ୍ରଣ କରୁଥିଲେ। ଏହି ଫିଲ୍ମ ସୁଟିଂ ସକାଳ ୭ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜୟପୁର ସହରର ମୁଖ୍ୟ ରାସ୍ତା, ଜଗନ୍ନାଥ ମନ୍ଦିର, ଜୟନଗର ପାର୍କଠାରେ ଫିଲ୍ମ ସୁଟିଂ ହେବା ନେଇ ସିନେମା ପ୍ରଯୋଜକ ସଂସ୍ଥା ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସିନେମା ସୁଟିଂରେ ଦକ୍ଷିଣ ଭାରତୀୟ ସିନେମାର ପରିଚିତ ଅଭିନେତ୍ରୀ ଅନୁଷ୍କା ସେଟ୍ଟୀ ଏବଂ ଅନ୍ୟାନ୍ୟ ସହ କଳାକାରମାନେ ଯୋଗଦେଇଥିଲେ। ପ୍ରକାଶ ଯେ, ଗତ ୪ ତାରିଖରୁ ଜୟପୁରରେ ତେଲୁଗୁ ସିନେମାର ପ୍ରତିଷ୍ଠିତ କଳାକାରମାନେ ଏକ ହଟେଲରେ ରହୁଥିବାବେଳେ କୋରାପୁଟ ଜିଲ୍ଲାର ଦେଓମାଳୀ, କୋଲାବ, ପୁଞ୍ଜିସିଲ, ଜୟପୁର ସହରର ଆଖାପାଖ ଅଞ୍ଚଳ ଏବଂ ଛତିଶଗଡ଼ ରାଜ୍ୟର ତିରଥଗଡ଼ ଓ ଚିତ୍ରକୋଟ ଅଞ୍ଚଳରେ ସିନେମା ସୁଟି ଜାରି ରହିଛି।

# ଓଡ଼ିଶାର ବିକାଶର ପ୍ରଶଂସାରେ ଶତମୁଖ ତେଲୁଗୁ ସିନେ ପ୍ରଯୋଜକ



**ଜୟପୁର,୯।୨(ସମିସ):** କୋରାପୁଟ ଜିଲ୍ଲା ବିଭିନ୍ନ ଅଞ୍ଚଳରେ ତେଲୁଗୁ ସିନେମା ସୁଟିଂ ଗତ ଏକ ସପ୍ତାହ ହେଲାଣି ଆରମ୍ଭ ହୋଇଛି। ଓଡ଼ିଶା ଓ କୋରାପୁଟ ଜିଲ୍ଲାର ମନୋରମ ପ୍ରାକୃତିକ ପରିବେଶ ସହିତ ରାଜ୍ୟର ବିକାଶକୁ ନେଇ ମଧ ତେଲୁଗୁ ସିନେ ପ୍ରଯୋଜକ ରାଜୀବ କୁମାର ପ୍ରଶଂସା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ରାସ୍ତାଘାଟ ଓ ଗମନାଗମନର ଉନ୍ନତିମୂଳକ କାର୍ଯ୍ୟକୁ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ପ୍ରଯୋଜକ ଏବଂ ନିର୍ଦ୍ଦେଶକ ସୀମବର୍ତ୍ତୀ ଆନ୍ଧ୍ରପ୍ରଦେଶ ରାଜ୍ୟର ଆରକୁ ଅଞ୍ଚଳରେ ସୁଟିଂ ଦୃଶ୍ୟ ଦେଖିବାକୁ ଆସିଥିଲେ। ସେଠାରୁ କୋରାପୁଟ ଜିଲ୍ଲାକୁ ବୁଲିବା ସହ ଏଠାକାର ମନରୋମ ପ୍ରାକୃତିକ ଦୃଶ୍ୟ, ପରିମଳ ଏବଂ ରାସ୍ତାଘାଟର ସୁବିଧାକୁ ଦେଖି ଏହି ଅଞ୍ଚଳରେ ସୁଟିଂ ପାଇଁ ପ୍ରଯୋଜକ ଶ୍ରୀ ରାଜୀବ କୁମାର ନିଷ୍ପତ୍ତି କରିଥିଲେ। ହାଇଦ୍ରାବାଦରୁ ସିନେମା ସୁଟିଂ ପାଇଁ ବିଭିନ୍ନ ବିଭାଗର ୨ ଶହରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଏଠାରେ ସୁଟିଂ ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକ ଏବଂ ହୋଟେଲଗୁଡିକ ଉପଯୁକ୍ତ ସହଯୋଗ କରୁଥିବା ଯୋଗୁଁ ଏହି ଅଞ୍ଚଳରେ ସୁଟିଂ କରିବା ସମ୍ଭବପର ହୋଇପାରିଛି। ଆଗାମୀ ଦିନରେ ଅନେକ ତେଲୁଗୁ ଏବଂ ଅନ୍ୟାନ୍ୟ ସିନେମା ଏଠାରେ ସୁଟିଂ କରିବା ନେଇ ଆଶାବାଦୀ ଅଛନ୍ତି ବୋଲି ତେଲୁଗୁ ସିନେମା ପ୍ରଯୋଜକ ଶ୍ରୀ ରାଜୀବ କହିଛନ୍ତି। ସୂଚନାନୁଯାୟୀ, ଜୟପୁର ସହର ତଥା ଆଖପାଖ ଅଞ୍ଚଳ ଦେଓମାଳି, ପୁଟସିଲ, ପୁଞ୍ଜିସିଲ, କୋଲାବ ଓ ଛତିଶଗଡ ଅଞ୍ଚଳରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସିନେମା ସୁଟିଂ ଜାରି ରହିବ ବୋଲି ଜଣାପଡ଼ିଛି।



■ ଘରେଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ

# ବିଜେଡିରେ ଯୋଗଦେଲେ ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ



**ମାଲକାନଗିରି, ୯।୨(ସମିସ):**

ମାଲକାନଗିରି ସଦର ବ୍ଲକର ପେଦାୱାଡା ଗ୍ରାମ ପଞ୍ଚାୟତ ଓ ବୀରଲକ୍ଷ୍ମଣପୁର ଗ୍ରାମ ପଞ୍ଚାୟତରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଉକ୍ତ ଦୁଇଟି ଗ୍ରାମ ପଞ୍ଚାୟତରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମିଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପେଦାୱାଡା ଗ୍ରାମ ପଞ୍ଚାୟତର କଂଗ୍ରେସର ସରପଞ୍ଚ ବନିତା କୁରାମି, ଗୌରୀ କୁରାମି, କମରୁ ମାଧବି, ସୁନାଧର କୁରାମି ପ୍ରମୁଖ ଏବଂ ବୀରଲକ୍ଷ୍ମଣପୁର ଗ୍ରାମ ପଞ୍ଚାୟତର ବିଜେପିର ଡମ୍ବରୁ ଗୋଲରୀ, ବଳଭଦ୍ର ଦଳପତି, ସୁକଦେବ ଗୁଣ୍ଡା, ଗୁରୁ ଖିଲ, ସୁରେନ୍ଦ୍ର ଭୂମିଆ ପ୍ରମୁଖଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ବିଜେପି କର୍ମୀ ଦଳ ଛାଡ଼ି ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଏହି ଅବସରରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମକୁ ନେଇ ଲୋକଙ୍କୁ ବିଭିନ୍ନ ବିଷୟରେ ଅବଗତ କରାଇବା ସହ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଯାଇଛି। ଏହି ଅବସରରେ ମାଲକାନଗିରି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦଶରଥ ମହାନ୍ତ, ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ତଥା ପାଣ୍ଡ୍ରିପାଣି ଜୋନ୍ ସଂଯୋଜକ ପ୍ରଭାକର ପ୍ରଧାନ, ବିଜୁ ଜନତା ଦଳ ଜିଲ୍ଲା ଉପସଭାପତି ଡନେଲ ପୋଟଲା, ମାଲକାନଗିରି ବ୍ଲକ ସଭାପତି ହେମନ୍ତ ପଟ୍ଟନାୟକ, ପୂର୍ବତନ ବ୍ଲକ ସଭାପତି ବିଜାଂଶୁ ସାମଲ, ବରିଷ୍ଠ ବିଜେଡି ନେତା ସୁନ୍ଦର ରାୟ ସେଡା, ବିଦେଶୀ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଜାତି ସଂସ୍କୃତିର ପ୍ରଗତି ଓ ସଶକ୍ତ ଓଡ଼ିଶା ସାଥୀ ଶିବିର

**ମୁନିଗୁଡ଼ା, ୯।୨(ସମିସ)**

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସ୍ଥିତ ଗୌଡ଼ସାହି ଯାତ୍ରା ପଡ଼ିଆରେ ଓଡ଼ିଶା ସରକାରଙ୍କ ସୌଜନ୍ୟରେ ଓ ମୁନିଗୁଡ଼ା ପଞ୍ଚାୟତ ସମିତି ଆୟୋଜିତ ଜନଜାତି ସଂସ୍କୃତିର ପ୍ରଗତି ଶୀର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସଶକ୍ତ ଓଡ଼ିଶା,ବିକଶିତ ଓଡ଼ିଶା ଆହ୍ୱାନକୁ ନେଇ ସଶକ୍ତ ଓଡ଼ିଶା ସାଥୀ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ବିଡ଼ିଓ ପ୍ରିତମ କୁମାର ତନ୍ତୀଙ୍କ ସଭାପତିତ୍ୱ ଓ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ଗୋଷ୍ଠୀ କଲ୍ୟାଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥିଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ, ଗୁଣୁପୁର ଶାନ୍ତିପ୍ରଭା ପ୍ରଧାନ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ଦୁଃଖିନୀ ନୁଣ୍ଡ୍ରୁକା, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡ୍ରୁକା, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ଦଳେଇ, ଜନଜାତି ଉନ୍ନୟନ ପରିଷଦ ସଦସ୍ୟ ଭରତ ଭୋଇ ଓ ତିରୁପତି କିଲକା ପ୍ରମୁଖ ମଞ୍ଚାସୀନ ରହି ଆନୁଷ୍ଠାନିକ ଭାବେ ଜନଜାତି ସାଂସ୍କୃତିକ ପ୍ରଗତି ପଥରେ ସମର୍ପିତ ଏହି ଶିବିରକୁ ଉଦଘାଟନ କରିଥିଲେ। ସଭ୍ୟା, ୱାର୍ଡ ମେମ୍ବର, ପିଇଓ, ଜିଆରଏସ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ପରେ ପରଦା ମାଧ୍ୟମରେ ଜନଜାତି ସଂସ୍କୃତି ଓ ସମ୍ପ୍ରଦାୟର ଉନ୍ନୟନ କ୍ଷେତ୍ରରେ ସରକାର କରିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ ପ୍ରଦର୍ଶନ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧି, ସମାଜସେବୀ ଓ ଜନଜାତି ସମ୍ପ୍ରଦାୟର ଗ୍ରାମ ମୁଖିଆ ଏବଂ ସମ୍ମାନିତ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଡିଓ ଶ୍ରୀ ତନ୍ତୀ, ଶିବପଦର ପଞ୍ଚାୟତ ସରପଞ୍ଚ ସୁବାସ କରସିକା, ପାତ୍ରଗୁଡ଼ା ସରପଞ୍ଚ ଅନନ୍ତ ନୁଣ୍ଡ୍ରୁକା, ସମିତିସଭ୍ୟ ଶକୁନ୍ତଳା ନୁନ୍ଦ୍ରୁକା, ଜନଜାତି ଉନ୍ନୟନ ସଦସ୍ୟ ଭାରତ ଭୋଇ ଜନଜାତି ସଂସ୍କୃତି ଓ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ଗୋଷ୍ଠୀ ଜନଜାତି ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଜିତ ନାଗ ଓ କମଲାକାନ୍ତ ଖୁଣ୍ଟିଆ ମଞ୍ଚ ସଂଯୋଜନା କରିଥିବାବେଳେ ସମସ୍ତ ପରିଚାଳନାରେ ଏମବିକେ ପୁଷ୍ପାବତି ବନାଲା, ପୁଷ୍ପାଞ୍ଜଳି ପାଣିଗ୍ରାହୀ, ସିଆରସିସି ବିଷ୍ଣୁପ୍ରିୟା ସାହୁକାର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ ଯାଦବ, କୈଳାଶ ପାତ୍ର, ସମସ୍ତ ଜିଆରଏସ, ବ୍ଲକ୍ କର୍ମଚାରୀ ସତ୍ୟାନନ୍ଦ ବେହେରା, କଳ୍ପନା ସାହୁଙ୍କ ସମେତ ସମସ୍ତ







ପଞ୍ଚାୟତ ସମିତି ତରଫରୁ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ଜନଜାତି ସଂସ୍କୃତି, ସଭ୍ୟତା ଓ ପରମ୍ପରାକୁ ନେଇ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତର କଳାକାର ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଏହି ଶିବିରରେ ନିମନ୍ତ୍ରିତ ଅତିଥି ଭାବେ ସମାଜସେବୀ ରତନଲାଲ ଜୈନ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ବୃନ୍ଦାବନ ପାଢ଼ୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ/ ଯନ୍ତ୍ରୀ ସହାୟତା କରିଥିଲେ।

**ଗୁଣୁପୁର** :ଗୁଣୁପୁର ବ୍ଲକ୍ ପରିସରରେ ସଶକ୍ତ ଓଡ଼ିଶା ସାଥି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ଅନୁସୟା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଏହା କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚା ଯାଇପାରିବ ଏବଂ ସଶକ୍ତ ଓଡ଼ିଶା ଗଠନ ନେଇ ଜନସାଧାରଣ ଓ ଲୋକ ପ୍ରତିନିଧିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧକ୍ଷା ଝିଲି ଶବର, ଆଇଟିଡିଏର ପିଏ ଶାନ୍ତିପ୍ରଭା ପ୍ରଧାନ, ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଦିଲ୍ଲୀପ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ।

**ଚିତ୍ରକୋଣ୍ଡା** : ମାଲକାନଗିରି ଜିଲ୍ଲା ପଞ୍ଚାୟତ ସମିତି ଚିତ୍ରକୋଣ୍ଡା ଆନୁକୂଲ୍ୟରେ ଚିତ୍ରକୋଣ୍ଡା ଖେଳ ପଡ଼ିଆଠାରେ ସଶକ୍ତ ଓଡ଼ିଶା ସାଥୀ ଶିବିର, ଜନଜାତି ସଂସ୍କୃତି ପ୍ରଗତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଲକାନଗିରି ଅଧକ୍ଷ ଆଡମା ରାବା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲ, ଡିଦାଇ ସମାଜ ଉପସଭାପତି ଶୁକ୍ରା ମୁଦୁଲି, ଏସଡିସି ସଦସ୍ୟ ଚୈତନ୍ୟ ହନ୍ତାଳ, କୋଟିଆ ସମାଜ ସଭାପତି କମୁଲୁ ହନ୍ତାଳ, ଜିଲ୍ଲା କନ୍ଧ ସମାଜ ସଭାପତି ଗୋପୀ ପାଙ୍ଗି ମଞ୍ଚାସିନ ଥିଲେ। ନିଜର ଲୋପ୍ ପାଇ ଯାଉଥିବା କଳା ଓ ସଂସ୍କୃତିର ପୁନରୁଦ୍ଧାର କରିବା ସହ ସ୍ୱାଭିମାନ ମାଟିର ସ୍ୱାଭିମାନ ବଞ୍ଚାଇ ରଖିବାକୁ ଶ୍ରୀ ରାବା ସମସ୍ତ ଜନଜାତିଙ୍କୁ ଆହ୍ୱାନ କରିଥିଲେ। ଚିତ୍ରକୋଣ୍ଡା ବ୍ଲକର କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ପ୍ରଯତ୍ନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବିଭିନ୍ନ ଜନଜାତିର କଳାକାର, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ଅନ୍ୟାନ୍ୟ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ଜନଜାତି ମୁଖ୍ୟ ଉପସ୍ଥିତ ଥିଲେ। ଚିତ୍ରକୋଣ୍ଡା ସମିତିସଭ୍ୟ ରାଜ କୋମଳ ପୁରୋହିତଙ୍କ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରୋତ୍ସାହନ କାର୍ଯ୍ୟକ୍ରମ



**ମାଲକାନଗିରି, ୯।୨(ସମିସ)**

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ମାଲକାନଗିରି ମହାବିଦ୍ୟାଳୟ ଶିକ୍ଷାକେନ୍ଦ୍ର ତରଫରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ, ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସଭାଗୃହରେ ଏକ ପ୍ରୋତ୍ସାହନ ସଭା ଆୟୋଜନ ହୋଇଯାଇଛି। ଏହି ସଭାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଡିଏସପି ଯଦୁନାଥ ଜେନା ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ମାଲକାନଗିରି ମହାବିଦ୍ୟାଳୟର ଇଗ୍ନୋ ଶିକ୍ଷା କେନ୍ଦ୍ରର କାର୍ଯ୍ୟକ୍ରମର ସଂଯୋଜକ ଅଶୋକ କୁମାର ଷଡ଼ଙ୍ଗୀ, ବାଣିଜ୍ୟ ବିଭାଗର ମୁଖ୍ୟ ଡ. ରଞ୍ଜନ କୁମାର ସ୍ୱାଇଁ, ଇଗ୍ନୋର ପୂର୍ବତନ ସଂଯୋଜକ ଉମେଶ ଚନ୍ଦ୍ର ରାଉତ ଓ ଇଗ୍ନୋ ଶିକ୍ଷା କେନ୍ଦ୍ରର ସହକାରୀ ସୁଜିତ କୁମାର ପାଣିଗ୍ରାହୀ ସଭାରେ ଉପସ୍ଥିତ ରହି ଇଗ୍ନୋର ବିଭିନ୍ନ ବିଷୟବସ୍ତୁ, ନାମଲେଖା ପ୍ରଣାଳୀ, ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ପାଇଁ ଦେୟ ଛାଡ଼ ବ୍ୟବସ୍ଥା ବିଷୟରେ ବିଷଦ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ସଂରକ୍ଷିତ ପୁଲିସ ନିରୀକ୍ଷକ କୁମୁଦ ପ୍ରଧାନ ସହଯୋଗ କରିଥିଲେ। ଶତାଧିକ ପୁଲିସ କର୍ମଚାରୀ, ଗ୍ରାମରକ୍ଷୀ, ଥାନା କର୍ମଚାରୀ ଏହି ସଭାରେ ଉପସ୍ଥିତ ଥିଲେ ଓ ଇଗ୍ନୋରେ ନାମ ଲେଖାଇବା ପାଇଁ ଇଚ୍ଛା ପ୍ରକଟ କରିଥିଲେ। ଇଗ୍ନୋର କୋରାପୁଟ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲତିକା ମିଶ୍ରଙ୍କ ପରାମର୍ଶ ଓ ମାର୍ଗ ଦର୍ଶନ ଅନୁସାରେ ଏହି ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

● କୁଆଡ଼େ ଗଲେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା

# ୫ ବର୍ଷରେ ଥରେ ମଧ୍ୟ ଗୁଡ଼ାରୀ ସହରରେ ପାଦ ପଡ଼ିନି



**ଗୁଡାରୀ, ୯।୨(ସମିସ):** ରାୟଗଡ଼ା ଜିଲ୍ଲା ଗୁଡାରୀ ସହରକୁ କଂଗ୍ରେସ ବହୁ ବର୍ଷ ଧରି ଅକ୍ତିଆର କରି ରଖିଥିଲେ ମଧ୍ୟ ନଗର କିମ୍ବା ପଞ୍ଚାୟତରେ କୌଣସି ପ୍ରକାରର ଉନ୍ନତିମୂଳକ ପଦକ୍ଷେପ ଦେଖିବାକୁ ମିଳିନି। ସେହି ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ଦୀର୍ଘ ୧୦ ବର୍ଷ ଏହି ନିର୍ବାଚନମଣ୍ଡଳୀର ସହଯୋଗରେ ସାଂସଦ ଭାବରେ ବିଜୟଲାଭ କରିଥିଲେ ମଧ୍ୟ ସହରର ଉନ୍ନତି କ୍ଷେତ୍ରରେ ଆକଳନ କରିବା ତାହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ପରବର୍ତ୍ତୀ ସମୟରେ ଶ୍ରୀ ଗମାଙ୍ଗ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ନିଜ ଧର୍ମପତ୍ନୀ ହେମା ଗମାଙ୍ଗ ସାଂସଦ ହୋଇଥିଲେ ମଧ୍ୟ ନିଜ ଅଞ୍ଚଳ ଗୁଡାରୀ ପାଇଁ କୌଣସି ପ୍ରକାରର ଯୋଜନା କରିପାରିଲେ ନାହିଁ। ୨୦୧୯ରୁ ସ୍ୱର୍ଗତ ରାମଚନ୍ଦ୍ର ଉଲ୍ଲାକାଙ୍କ ପୁଅ ସପ୍ତଗିରି ଉଲ୍ଲାକା କଂଗ୍ରେସ ତରଫରୁ ସାଂସଦ ହୋଇଥିଲେ ମଧ୍ୟ ଗୁଡାରୀ ମାଟିରେ ତାଙ୍କର ପାଦ ପଡ଼ିନି। କାଁଭାଁ କିଛି ସାଂସଦ ପାଣ୍ଠିରୁ ଗୁଡାରୀକୁ କିଛି ଅନୁଦାନ ମିଳିଥିବାବେଳେ ଶ୍ରୀ ଉଲ୍ଲାକା ଆଜି ପର୍ଯ୍ୟନ୍ତ କୌଣସି ମନ୍ଦିର, ସଡ଼କ, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ତାଙ୍କ ପାଣ୍ଠିରୁ ଅର୍ଥ ମିଳିବାର ଅନୁମାନ କରାଯାଇନାହିଁ।

ଏବେ ରାଜ୍ୟ ସରକାର ଗୁଡାରୀର ବଡ଼ ସମସ୍ୟା ଦୂର କରିଛନ୍ତି ବିଜୁ ସେତୁ ମାଧ୍ୟମରେ। ପରେ ନଗରର ଶ୍ରୀଜଗନ୍ନାଥ ମନ୍ଦିରକୁ ପ୍ରାୟ ୪୦ ଲକ୍ଷ ମିଳିଥିବାବେଳେ ମିନାଝୋଲା ପାଇଁ ୩୦ରୁ ୪୦ ଲକ୍ଷ, ନଗରର କନେକପାରମେଶ୍ୱରୀ ମନ୍ଦିରକୁ ୨୫ ଲକ୍ଷ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନଗର ଏବଂ ପ୍ରତ୍ୟେକ ପଞ୍ଚାୟତକୁ ପକ୍କା ରାସ୍ତା ବ୍ୟବସ୍ଥା, ଯାତାୟାତ କ୍ଷେତ୍ରରେ 'ଲକ୍ଷ୍ମୀ' ବସ୍ ଯୋଗାଇ ଦେଇଛନ୍ତି। ଏମିତି ଅନେକ ଅନୁଦାନ ବିଜେଡି ସମୟରେ ମିଳିଛି, କିନ୍ତୁ ସାଂସଦ ସପ୍ତଗିରି ଉଲ୍ଲାକା ପାଣ୍ଠି ଅନୁଦାନ କଥା ଦୂରେଥାଉ ଗୁଡାରୀ ଏନଏସିରେ ତାଙ୍କ ପାଦ ପଡ଼ିବା କାଠିକର ପାଠ ହୋଇଛି। ଆଉ ମାସକ ପରେ ସାଧାରଣ ନିର୍ବାଚନ। ଏଣୁ ସାଧାରଣ ଜନତାଙ୍କୁ କିଛି ମିଠା କଥା କହି ଭୋଟ୍ ହାତେଇବାର ଆଶା କରାଯାଉଛି। ଏମିତିରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ରାଜ୍ୟ ସରକାରଙ୍କ ବିଏସକେୱାଇ ଉପଦେଷ୍ଟା ସୁଧିର ଦାସ ବର୍ଷ ବର୍ଷ ଧରି ଲୋକମାନଙ୍କ ସହ ଉତ୍ତମ ସମ୍ପର୍କ ସହ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଯୋଗଦେବା ଏବଂ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଦ୍ୱାରା ଭୋଟରଙ୍କ ମନରେ ଏକ ପ୍ରକାର ବିଜେଡି ଛାପା ପଡ଼ିପାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଶ୍ରୀ ଉଲ୍ଲାକା ଭୋଟରଙ୍କୁ ମନେଇବା ପାଇଁ କ'ଣ ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଛି।

# ଜୁଆ ଆଡ୍ଡାରେ ଚଢ଼ଉ; ୬ ଗିରଫ, ୪୮ ହଜାର ଟଙ୍କା ଜବତ



ମାଲକାନଗିରି, ୯।୨(ସମିସ): ମାଲକାନଗିରି ଥାନା ପୁଲିସ ପକ୍ଷରୁ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇ ୬ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଏମଭି ୭ ଗ୍ରାମ ବଜାର ନିକଟରେ ଜୁଆ ଖେଳ ଚାଲିଥିବା ନେଇ ପୁଲିସକୁ ସୂଚନା ମିଳିବା ପରେ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନିର୍ଦ୍ଦେଶ କ୍ରମେ ସବଇନ୍ସପେକ୍ଟର ପ୍ରଭାତ ଗୌଡ଼ଙ୍କ ନେତୃତ୍ୱରେ ପୁଲିସ ଟିମ ସେଠାରେ ଚଢ଼ଉ କରିଥିଲେ। ଏହି ସମୟରେ ସେଠାରେ ଟଙ୍କା ଲଗାଇ ଜୁଆ ଖେଳ ଚାଲିଥିବାବେଳେ, ଘଟଣା ସ୍ଥଳରେ ୬ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ଏବଂ ନଗଦ ୪୮ ହଜାର ୩୦୦ ଟଙ୍କା ପୁଲିସ ଜବତ କରିଛି।

# ପଡ଼ିଆ କଲେଜରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ



**ପଡ଼ିଆ, ୯।୨(ସମିସ):** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ସଦରମହକୁମାରେ ଥିବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏଥିପାଇଁ କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ କରାଯାଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଆବଶ୍ୟକତା ଓ କୌଶଳ ବାବଦରେ ବିଭିନ୍ନ ଉଦାହରଣ ଦେଇ ବୁଝାଯାଇଥିଲା। ମୁଖ୍ୟଅତିଥିଭାବେ ପଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟର ଅଧକ୍ଷ ପରମାନନ୍ଦ ମହାପାତ୍ର ସମେତ ନିରଞ୍ଜନ ବେହେରା, ଅମୂଲ୍ୟ ରତ୍ନ, ଜଗନ୍ନାଥ ସାହୁ, ଜିତେନ୍ଦ୍ର ନାୟକ, କେ ଉଦୟ, ନାକା ସରିତା, ଏସ୍ ମୋନିକା ଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ୭ ଦିନ ଧରି ହେବାକୁ ଥିବା ଏହି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତାଲିମଦାତ୍ରୀ ଭାବେ ଚୀନାମ ଲାଡ଼ଲୀ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି।

**ଗାଧୁଆ ତୁଠ ନାଁରେ ମହାଦୁର୍ନୀତି**

● ବାଘଡଙ୍ଗରି ଗାଧୁଆ ତୁଠ ଅମ୍ବାଦଳାରେ ନିର୍ମାଣକୁ ବିରୋଧ

# ବିଡିଓ କରୁଛନ୍ତି ମାଷ୍ଟର ପ୍ଲାନ୍; କାର୍ଯ୍ୟାନୁଷ୍ଠାନ ଦାବି





**ମୁନିଗୁଡ଼ା, ୯।୨(ସମିସ)**

ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ସବୁବେଳେ ତତ୍ପର। ବିଭିନ୍ନ ଲୋକାଭିମୁଖୀ ଯୋଜନା ପ୍ରସ୍ତୁତ କରି ପଞ୍ଚାୟତ ସମିତି ମାଧ୍ୟମରେ ଲୋକଙ୍କ ନିକଟତର କରିବା ପାଇଁ ସର୍ବଦା ପ୍ରୟାସ ଜାରି ରଖିଛନ୍ତି ରାଜ୍ୟ ସରକାର। ହେଲେ ଏଠି ବଡ଼ ବଡ଼ ବାବୁମାନେ ସରକାରଙ୍କ ଯୋଜନାର ଦୁରୁପଯୋଗ କରୁଥିବା ଅଭିଯୋଗ ହେଉଛି। ପ୍ରସ୍ତାବିତ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟ ନ ହୋଇ ପୃଥକ୍ ପୃଥକ୍ ସ୍ଥାନରେ ପ୍ରକଳ୍ପ ନିର୍ମାଣ ପାଇଁ ମୁନିଗୁଡ଼ା ବିଡିଓ ମାଷ୍ଟର ପ୍ଲାନ କରୁଥିବା ମୁନିଗୁଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଅମ୍ବାଦଳା ଶ୍ମଶାନ ନାଳର ଦୁଇ ପାର୍ଶ୍ୱରେ ଦୁଇଟି ଗାଧୁଆ ତୁଠ ନିର୍ମାଣ ପାଇଁ ଫଳକ ଲାଗିଛି। ଯାହାକି ପ୍ରସ୍ତାବିତ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟ ହେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସରକାରଙ୍କ ଯୋଜନାର ଅର୍ଥ ହଡ଼ପ ପାଇଁ ସରକାରୀ ବାବୁ ଓ ଠିକାଦାର ମିଶି ନୂଆ ଯୋଜନା ପ୍ରସ୍ତୁତ କରୁଥିବା ଅଭିଯୋଗ କରିବା ସହ ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତମ କୁମାର ତନ୍ତିଙ୍କ ମାଷ୍ଟର ପ୍ଲାନରେ ଏସବୁ କାର୍ଯ୍ୟ ହେଉଥିବା ମୁନିଗୁଡ଼ା ଅଞ୍ଚଳର ବିଶିଷ୍ଟ ଆମ୍ବେଦକର ବାଦି ଅନଙ୍ଗ ନାଗ, କଂଗ୍ରେସ ସଭାପତି ନୀଳାମ୍ବର ବିଭାର, ସାଂସଦ ପ୍ରତିନିଧି ମାନସ ରଞ୍ଜନ ବେହେରା, ଅମ୍ବାଦଳା କଂଗ୍ରେସ ଯୁବ ନେତା ରଜନୀକାନ୍ତ ପୋଡାଲ, ବରିଷ୍ଠ କଂଗ୍ରେସ ନେତା ଭଗବାନ ପୁଞ୍ଜି, କଂଗ୍ରେସ ନେତା ଦକ୍ଷ କରକରିଆଙ୍କ ସମେତ ବାଘଡଙ୍ଗରି ଓ ଇନ୍ଦିରାପଡ଼ାବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି, ଅମ୍ବାଦଳା ଶ୍ମଶାନ ନାଳର ଗୋଟିଏ ପାର୍ଶ୍ୱ ଅମ୍ଳାଭଟା ଓ ପୁରୁଣା ଅମ୍ବାଦଳା ପାଇକ ସାହିର ମୁକ୍ତି ତୀର୍ଥ ଥିବାବେଳେ ଉକ୍ତ ସ୍ଥାନରେ ଇନ୍ଦିରାପଡ଼ା ମୁକ୍ତି ତୀର୍ଥ ଗାଧୁଆ ତୁଠ ନାଁରେ ଫଳକ ରହିଛି। ଯାହାକି ଇନ୍ଦିରାପଡ଼ା ମୁକ୍ତି ତୀର୍ଥ ଅନ୍ୟ ସ୍ଥାନରେ ରହିଥିବା ଇନ୍ଦିରାପଡ଼ାବାସୀ ଅଭିଯୋଗ କରିବା ଓ ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରିବାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଉକ୍ତ ନାଳର ଅପର ପାର୍ଶ୍ୱରେ ରାଣୀପିଣ୍ଡା ଗ୍ରାମ ପଞ୍ଚାୟତ ବାଘଡଙ୍ଗରି ଗ୍ରାମ ତଳଲିମାଠାରେ ଗାଧୁଆ ତୁଠ ନିର୍ମାଣ ପାଇଁ ଫଳକ ରହିଥିବାବେଳେ ବାଘଡଙ୍ଗରି ଗ୍ରାମ ନିକଟରୁ ଉକ୍ତ ଗାଧୁଆ ତୁଠ ୬ କିଲୋମିଟର ବ୍ୟବଧାନ ରହୁଛି। ଯାହା ଫଳରେ ଉକ୍ତ ଗାଧୁଆ ତୁଠ ବାଘଡଙ୍ଗରି ଗ୍ରାମବାସୀଙ୍କ କୌଣସି ବ୍ୟବହାରରେ ଆସିବ ନାହିଁ ବୋଲି ଅଭିଯୋଗ ମଧ୍ୟ କରିଛନ୍ତି। ଉକ୍ତ ଦୁଇଟିଯାକ ତୁଠ ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଅଟକଳ ପରିମାଣ ୫ ଲକ୍ଷ ଲେଖାଏଁ ୧୦ ଲକ୍ଷ ଟଙ୍କା ସ୍ଥିର ହୋଇଥିବା କାର୍ଯ୍ୟନିର୍ବାହୀ ସଂସ୍ଥା ମୁନିଗୁଡ଼ା ପଞ୍ଚାୟତ ସମିତି ପକ୍ଷରୁ ସାଧାରଣ ଲୋକଙ୍କ ଅବଗତି ନିମନ୍ତେ ଫଳକରେ ଲିପିବଦ୍ଧ ରହିଛି। ଉକ୍ତ ତୁଠ ଦୁଇଟି ପ୍ରସ୍ତାବିତ ସ୍ଥାନରେ ନିର୍ମାଣ ନ କରି ଅନ୍ୟତ୍ର ନିର୍ମାଣ କରିବା କାହା ସ୍ୱାର୍ଥରେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ସରକାରଙ୍କ ଯୋଜନାରେ ଆସୁଥିବା ଅର୍ଥକୁ ହରିଲୁଟ କରି ନିଜେ ଯୋଜନା ପ୍ରସ୍ତୁତ କରିବା ସହ ଅଞ୍ଚଳର ବିକାଶ ପରିବର୍ତ୍ତେ ଠିକାଦାରମାନଙ୍କୁ ସୁହାଇବା ଭଳି କାର୍ଯ୍ୟ କରୁଥିବା ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇଛି। ତେବେ ଉକ୍ତ ଦୁର୍ନୀତି ବିଷୟରେ ବାରମ୍ବାର ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଓ ଉକ୍ତ ବିଷୟରେ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନାହିଁ। ତେଣୁ ଉକ୍ତ ବିଷୟକୁ ରାୟଗଡ଼ା ଜିଲ୍ଲାପାଳ ହସ୍ତକ୍ଷେପ କରିବା ସହ ଉକ୍ତ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଆଇନ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ଦୁର୍ଗୀ, ୯।୨(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଦୁର୍ଗୀ ପଞ୍ଚାୟତ ସମିତି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆଇନ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଷମ କଟକର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରା ଜଜ୍ ପବିତ୍ରନନ୍ଦ ପ୍ରଧାନ ଯୋଗଦେଇ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ବିଷମ କଟକ ବିଚାରପତି ଅତି ସୁନ୍ଦର ଓ ସରଳ ଭାବରେ କହିଥିଲେ ଯେ ତୁମମାନଙ୍କ ନିଜ ପାଠ୍ୟପୁସ୍ତକରେ ଯେଉଁ ସମ୍ବିଧାନର ଧାରାର ନିୟମ ଲିଖିତ ଅଛି, ସେଗୁଡିକ ପଢ଼ି ନିଜ ଆନୁକୂଲ୍ୟରେ ନ ରଖି ଅନ୍ୟଙ୍କ ହିତ କାର୍ଯ୍ୟରେ ଉପଦେଶ ଦେଇ ସମାଜ ନିମନ୍ତେ ଭଲ ବାର୍ତ୍ତାର ମାନବିକତା ରକ୍ଷାର ସହଯୋଗ କରାଇବା ଉପରେ ଶିଶୁମାନଙ୍କୁ ଆଇନ ଓ ସମ୍ବିଧାନ ଉପରେ ସଚେତନ କରାଇଥିଲେ। ଆଇନ ବିଭାଗର ଅଭିନବ ପାଇଁ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀଙ୍କୁ ସଚେତନତା କରାଯାଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଷମ କଟକ ଓକିଲ ସଙ୍ଘର ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ବିଷମ କଟକ ସରକାରୀ ଓକିଲ ଜୟନ୍ତ ପଣ୍ଡା ମଞ୍ଚାସୀନ ଥିଲେ। ଆଇନ ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସୁବୁଦ୍ଧି ସଭାପତିତ୍ୱ କରିଥିଲେ।

ଝୁଭି ୮ ନଂ ଖୁଟୁଗୁଡ଼ାରେ ରକ୍ଷାକାଳୀ ପୂଜା

## ଆକର୍ଷଣ ସାଜୁଛି ୩୯ ଫୁଟ ମୃଣ୍ମୟୀ ମୂର୍ତ୍ତି



**ଉମରକୋଟ, ୯।୨(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକରେ ଥିବା ଝୁଭି ୮ ନଂ ଖୁଟୁଗୁଡ଼ା ଗ୍ରାମରେ ରକ୍ଷାକାଳୀ ପୂଜା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଆକର୍ଷଣ ସାଜିଛି ୩୯ ଫୁଟ ଉଚ୍ଚତା ବିଶିଷ୍ଟ ରକ୍ଷାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି। ପୂଜାର ସଂକଳ୍ପ ଦିନ ଗ୍ରାମର ଦୁଇଶହରୁ ଊର୍ଦ୍ଧ୍ୱ ମହିଳା ଉପବାସ ରହି ବ୍ରତ ପାଳନ କରିଥିଲେ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଫେବୃୟାରୀ ୬ରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହି ରକ୍ଷାକାଳୀ ପୂଜା ପାଳନ କରାଯିବ। ଏହି ମୂର୍ତ୍ତିକୁ ମାଲକାନଗିରି ଜିଲ୍ଲାର କାରିଗରମାନେ ନିର୍ମାଣ କରିଥିଲେ। ଏହି ମୂର୍ତ୍ତି ତିଆରି କରିବାକୁ କାରିଗରମାନଙ୍କୁ ଦୁଇମାସ ସମୟ ଲାଗିଥିଲା। ମୁଖ୍ୟ କାରିଗର ସନାତନ ପାଲଙ୍କ ସହ ସୁବାସ ହାଲଦାର, କୁକନ ସରକାର, ପରମା ଗଣ୍ଡ ଓ ସୁରଜ ରାୟ ସହଯୋଗ କରିଥିଲେ। ଏହି ରକ୍ଷାକାଳୀ ପୂଜା ଦେଖିବା ପାଇଁ ପଡ଼ୋଶୀ ଛତିଶଗଡ଼ ଓ ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସିଥାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ମିନା ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ଅବକାରୀ ବିଭାଗ ପକ୍ଷରୁ ମଦ ପୋଚ ନଷ୍ଟ

**ବୋରିଗୁମ୍ମା, ୯।୨(ସମିସ):** ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଡୁଡୁସାପାଲା ଗ୍ରାମରେ ଅବକାରୀ ତରଫରୁ ଚଢ଼ଉ କରାଯାଇ ବହୁ ପରିମାଣର ମଦ ପୋଚ ନଷ୍ଟ କରାଯାଇଛି। ଶୁକ୍ରବାର ଅପରାହ୍ଣରେ ବୋରିଗୁମ୍ମା ଅବକାରୀ ବିଭାଗ ଦ୍ୱାରା ବୋରିଗୁମ୍ମା ଥାନା ଅନ୍ତର୍ଗତ ଡୁଡୁସାପାଲା ଗ୍ରାମରେ ଚଢ଼ଉ କରାଯାଇଥିଲା। ଗ୍ରାମରେ ବେଆଇନ ଭାବରେ ଚୋରା ଦେଶୀ ମଦ ପ୍ରସ୍ତୁତ କରି ଅନ୍ୟ ଗ୍ରାମରେ କାରବାର କରୁଥିବା ନେଇ ଚଢ଼ଉ କରି ୨୧୦ ଲିଟର ମଦ ୧୪୦୦ ଲିଟର ପୋଚ ନଷ୍ଟ କରିଥିବା ବୋରିଗୁମ୍ମା ଅବକାରୀ ଥାନା ଅଧିକାରୀ ବିଶ୍ୱଜିତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

କଂସାରିଗୁଡ଼ାରେ କାରଖାନା ପ୍ରତିଷ୍ଠା ପ୍ରସଙ୍ଗ

# କମ୍ପାନୀର ଚାଲ୍‌କୁ ବିରୋଧ ପାଇଁ ଅଣ୍ଟା ଭିଡୁଛନ୍ତି ଅଞ୍ଚଳବାସୀ

**ଲକ୍ଷ୍ମୀପୁର, ୯।୨(ସମିସ):**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଓ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ସୀମାନ୍ତ ସ୍ଥାନ କଂସାରିଗୁଡ଼ାରେ ହିଣ୍ଡାଲକୋର ଆଦିତ୍ୟ ବିର୍ଲା କାରଖାନା ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଥିବାବେଳେ ଏବେ କାରଖାନା ସ୍ଥାପନକୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ସାଧାରଣ ଜନତାଙ୍କ ସହ ଖେଳୁଥିବା ଅଭିଯୋଗ ହୋଇଛି। ଯାହାଫଳରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଚାଲକୁ ବିରୋଧ କରିବାକୁ ଏବେ ଅଞ୍ଚଳବାସୀ ଅଣ୍ଟା ଭିଡୁଥିବା ଦେଖିବାକୁ ମିଳିଛି।

ସୂଚନାପ୍ରକାରେ, କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ସାହାଯ୍ୟ ଯୋଗାଇଦେବା ସହ ସମସ୍ତ ଆବଶ୍ୟକତା ପାଇଁ ଅନୁମୋଦନ ଦେଇଛନ୍ତି। ସରକାର ସଦାବେଳେ ଲୋକଙ୍କ ସୁବିଧା ପାଇଁ ପ୍ରତି ମୁହୂର୍ତ୍ତରେ କାମ କରି ଆସୁଛନ୍ତି। କାରଖାନା ପ୍ରତିଷ୍ଠା ପାଇଁ କ୍ଷତିଗ୍ରସ୍ତ, ଅଞ୍ଚଳବାସୀଙ୍କ ନିଯୁକ୍ତି ଓ ରୋଜଗାରକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଓ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ସୀମାନ୍ତରେ ଥିବା କଂସାରିଗୁଡ଼ାରେ କାରଖାନା ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ଭର୍ଚୁଆଲ ମାଧ୍ୟମରେ କରିଛନ୍ତି। ଏହା ପରେ ଦୁଇ ବ୍ଲକର ଲୋକେ ତଥା କ୍ଷତିଗ୍ରସ୍ତ ଓ ପ୍ରଭାବିତ ଲୋକେ ରାଜ୍ୟ ସରକାର ଓ କମ୍ପାନୀକୁ ସ୍ୱାଗତ ଜଣାଇବା ସହ ଖୁସିବ୍ୟକ୍ତ କରିଥିଲେ। କାରଖାନା ସ୍ଥାପନ ଉଦ୍ଦେଶ୍ୟରେ ଲକ୍ଷ୍ମୀପୁର ବ୍ଲକ ଓଡ଼ିଆପେଣ୍ଟ ଜିପିର ବିରିଗୁଡ଼ା, ରାଜନପଣସଗୁଡ଼ା, କୁଟିଂଗୁଡ଼ା, ସିଙ୍ଗାରାମ, ଭାଲୁଯୋଡ଼ି ଗାଁରୁ ୪୪୦ ଏକର ଓ ସରକାରୀ ୫୮୬ ଏକରକୁ ମିଶାଇ ସମୁଦାୟ ୧୦୨୬ ଏକର ଜମି ଅଧିଗ୍ରହଣ କରାଯାଇଛି। ସେହିପରି କାଶୀପୁର ବ୍ଲକର ମଧ୍ୟ କଂସାରିଗୁଡ଼ା, ଫୁଲଜବା, ପୁହଣ୍ଡି, ପୋଡ଼ାପାଡ଼ି, ପାଞ୍ଚାଲିରୁ ୯୨୧ ଏକର ବେସରକାରୀ ଓ ୧୩୬ ଏକର ସରକାରୀ ଜମିକୁ ମିଶାଇ ସମୁଦାୟ ୧୦୫୭ ଏକର ଜମି ଦୀର୍ଘ ବର୍ଷ ତଳେ ଅଧିଗ୍ରହଣ କରାଯାଇଛି। କାରଖାନା ପ୍ରତିଷ୍ଠାକୁ ନେଇ ଉଭୟ ବ୍ଲକର ଲୋକଙ୍କ ଦୀର୍ଘ ବର୍ଷର ଅପେକ୍ଷାକୁ ସରକାର ପୂରଣ କରିବାକୁ ଯାଉଥିବାବେଳେ ଏବେ କିନ୍ତୁ କାଶୀପୁର ବ୍ଲକର ଜମିରେ ହିଁ ରିଫାଇନାରୀ କାରଖାନା ସ୍ଥାପନ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ମସୁଧା କରୁଥିବା ଶୁଣିବାକୁ ମିଳୁଛି। ଏଥିପାଇଁ ଲକ୍ଷ୍ମୀପୁର ବ୍ଲକର ଯେଉଁ ସବୁ ଜମି



ଇଡକୋ ଜରିଆରେ ହିଣ୍ଡାଲକୋ ଅଧିଗ୍ରହଣ କରି ନେଇଥିଲା ତାହାକୁ ପୁଣି ଇଡକୋକୁ ହସ୍ତାନ୍ତର କରିବାକୁ ଯୋଜନା କରୁଥିବା ଏବଂ ଯଦି ହେବ ସୋଲାର ପ୍ଲାଣ୍ଟ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଚିନ୍ତା କରୁଥିବା ସୂଚନା ମିଳୁଛି। ତେବେ କାରଖାନା ଦ୍ୱାରା ଉଭୟ ଜିଲ୍ଲାର ସୀମାନ୍ତ ବ୍ଲକବାସୀଙ୍କୁ ରୋଜଗାର ଓ ଅନ୍ୟାନ୍ୟ ସୁବିଧା ଯୋଗାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ ରହିଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ଲକ୍ଷ୍ମୀପୁର ବ୍ଲକ ପ୍ରତି କରୁଥିବା ଏପରି ଚାଲକୁ ନେଇ ଏବେ ଲକ୍ଷ୍ମୀପୁରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଅସନ୍ତୋଷ ଦାନା ବାନ୍ଧୁଥିବାବେଳେ କମ୍ପାନୀର ଏପରି ଚାଲକୁ ବିରୋଧ କରିବାକୁ ଅଞ୍ଚଳବାସୀ ଅଣ୍ଟାଭିଡୁଥିବା ନଜରକୁ ଆସୁଛି। ଅନ୍ୟପଟରେ ଆଗାମୀ ଦିନରେ ଏପରି ହେଲେ ନିଶ୍ଚିତ ଭାବେ କମ୍ପାନୀ ପ୍ରତି ଏହା ଏକ ବଡ଼ ଧରଣର ସମସ୍ୟା ଉପୁଜିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଯେଉଁ ଉଦ୍ଦେଶ୍ୟରେ କାରଖାନା ପ୍ରତିଷ୍ଠା ହେଉଛି ସେହି ଜିନିଷ ବା କଞ୍ଚାମାଲ ପ୍ରାୟ ୯୦ ପ୍ରତିଶତ ଲକ୍ଷ୍ମୀପୁର ବ୍ଲକରେ ରହିଛି। ସେହି ଅନୁଯାୟୀ, ଲକ୍ଷ୍ମୀପୁର ବ୍ଲକର ଗୁରୁତ୍ୱ ଅଧିକ ରହିଛି। ବିସ୍ଥାପିତ, ପ୍ରଭାବିତ ଇତ୍ୟାଦିରେ ଉପର ଲିଖିତ ଗାଁଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାକୁ ୨୦୦୭ରେ ଆରପିଡିଏସ୍ ମିଟିଂରେ ମଧ୍ୟ ଗୃହୀତ କରାଯାଇଛି। ଜମି ଯେଉଁ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଛି ତାହା ବଳବତ୍ତର ରହୁ, ନଚେତ୍ କମ୍ପାନୀ ବିରୋଧରେ ଘୋର୍ ବିରୋଧ କରାଯିବା ସହିତ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବୁ ବୋଲି ଲକ୍ଷ୍ମୀପୁର ବ୍ଲକର ବିସ୍ଥାପିତ ପରିବାର ଓ ପାରିପାର୍ଶ୍ୱିକ ଅଞ୍ଚଳର ଲୋକେ ଚେତାବନୀ ଦେଇଛନ୍ତି। ଶୁକ୍ରବାର ଏନେଇ ବିରିଗୁଡ଼ା କଲୋନୀର ଲୋକେ କୋରାପୁଟ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ। ପୁଣି ମଙ୍ଗଳବାର ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଯିବେ ବୋଲି କହିଛନ୍ତି।

**କାରଖାନା ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ**

**ଖେଳୁଛନ୍ତି କମ୍ପାନୀ କର୍ତ୍ତୃପକ୍ଷ**

● ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

## ଫାଟକରେ ତାଲା ଠୁକିଲେ ଅଭିଭାବକ

**ଦଶମନ୍ତପୁର, ୯।୨(ସମିସ)**

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକସଦର ମହକୁମାସ୍ଥିତ ଅନଗର ନୂଆସାହି ବିଦ୍ୟାଳୟ ଅନିୟମିତତା ମଧ୍ୟରେ ଚାଲିଥିବା ଅଭିଯୋଗ କରି ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ଠୁକିଛନ୍ତି। ତେବେ ଶିକ୍ଷା ବିଭାଗର ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଦୀର୍ଘ ଘଣ୍ଟା ପରେ ତାଲା ଖୋଲା ଯାଇଥିବା ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଏହି ବିଦ୍ୟାଳୟରେ ନୂଆସାହି ଓ କଲୋନୀସାହିର ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୭ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାନ୍ତି। ସହକାରୀ ଶିକ୍ଷୟିତ୍ରୀ ଉର୍ବଶୀ ପରିଡ଼ା ହିଁ ୫ଗୋଟି ଶ୍ରେଣୀର ପିଲାଙ୍କୁ ବହୁ ସମସ୍ୟାରେ ଶିକ୍ଷାଦାନ କରି ଆସୁଥିଲେ। ଆବଶ୍ୟକ ଶିକ୍ଷାଦାନ କରିବାକୁ ହେଲେ ବିଦ୍ୟାଳୟରେ ଅନ୍ୟ ଜଣେ ଶିକ୍ଷକଙ୍କୁ ନିୟୋଜିତ କରାଯିବା ନେଇ ଅବିଭାବକମାନେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅନେକ ଥର ଲିଖିତ ଓ ମୌଖିକ ଭାବେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପୂର୍ବରୁ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବେଳେ ଶୁକ୍ରବାର ଦିନ ୧୧ଟା ସମୟ ହୋଇଥିଲେ ମଧ୍ୟ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଜଣକ ଅନୁପସ୍ଥିତ ରହିବାରୁ ଉତ୍ତ୍ୟକ୍ତ ହୋଇ ବିଦ୍ୟାଳୟରେ ତାଲା



ଠୁକିଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ନାୟକ, ରୀନା ବିଶୋଇ, ହେମାମାଳିନୀ ବିଶୋଇ, ଅମ୍ବିକା ବିଶୋଇ, ମିନତୀ ବିଶୋଇ, ଗୋମା ମୁଦୁଲି, ବନ୍ଦିତା ବିଶୋଇ, ଜଗବନ୍ଧୁ ବିଶୋଇ, ଭରତ ବିଶୋଇ, ସାରିଆ ମୁଦୁଲି, ପୁରୁଷୋତ୍ତମ ବିଶୋଇ, ଗୌରୀ ଶଙ୍କର ଗୌଡ଼ ଓ ସୁବା ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ ଅନ୍ୟ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି କରା ନ ଯିବା ପର୍ଯ୍ୟନ୍ତ ବିଦ୍ୟାଳୟରୁ ତାଲା ଖୋଲାଯିବ ନାହିଁ ବୋଲି ପରିଚାଳନା କମିଟି ସଦସ୍ୟ ଜିଦ୍ ଧରି ବସିଥିବା ବେଳେ ବିଦ୍ୟାଳୟରେ ତାଲା ପକାଇବା ସୂଚନା ପାଇ ଘଟଣାସ୍ଥଳରେ ଅତିରିକ୍ତ ଶିକ୍ଷା ଅଧିକାରୀ ମନ୍ମଥ ମାଣ୍ଡାଙ୍ଗି ଏବଂ ସମ୍ପୃକ୍ତ କ୍ଲଷ୍ଟରର ସିଆରସିସି ମଧୁସୂଦନ ପାତ୍ର ପ୍ରମୁଖ ପହଞ୍ଚିଥିଲେ। ସ୍ଥାନୀୟ ପରଜା ବାରିକଣ୍ଡା ବିଦ୍ୟାଳୟର ରିଆନ ମୁଦୁଲି ନାମ ଅନ୍ୟ ଜଣେ ଶିକ୍ଷକଙ୍କୁ ଘଟଣାସ୍ଥଳରେ ହିଁ ଅସ୍ଥାୟୀ ଭାବେ ନିୟୋଜିତ କରିବା ସହ ଆସନ୍ତା ଗୁରୁବାର ସୁଦ୍ଧା ଅନ୍ୟ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଦୀର୍ଘ ୨ ଘଣ୍ଟା କାଳ ଧରି ବିଦ୍ୟାଳୟ ଫାଟକରେ ପଡ଼ିରହିଥିବା ତାଲାକୁ ପରିଚାଳନା କମିଟି ସଦସ୍ୟ ଖୋଲିଥିଲେ।

## ସୀମାନ୍ତରେ ମାଓ ଆତଙ୍କ; ଜାଳିଦେଲେ ଟାୱାର

■ ସର୍ଚ୍ଚ ଅପରେସନ ବେଳେ ଆଇଡି ବୋମା ଜବତ କଲେ ଯବାନ

**ମାଲକାନଗିରି, ୯।୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଦିନକୁ ଦିନ ମାଓ ଆତଙ୍କ ବଢ଼ିବାରେ ଲାଗିଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାବେଳେ ପ୍ରତିଦିନ ଛତିଶଗଡ଼ର ବିଭିନ୍ନ ସ୍ଥାନରେ ମାଓବାଦୀମାନେ ହିଂସାକାଣ୍ଡ ଘଟାଉଛନ୍ତି। ତେବେ ଆଜି ପୁଣି ମାଓବାଦୀମାନେ ନିଜର ସ୍ଥିତି ଜାହିର କରିବାକୁ ଯାଇ ଏକ ମୋବାଇଲ ଫୋନ ଟାୱାରକୁ ଜାଳି ଦେଇଛନ୍ତି। ଅପରପକ୍ଷରେ ମାଓ ଦମନ ସର୍ଚ୍ଚ ଅପରେସନ ବେଳେ ଯବାନମାନେ ୧୦ କିଲୋର ଏକ ଆଇଡି ଜବତ କରିଛନ୍ତି। ସୂଚନାନୁଯାୟୀ, ଦନ୍ତେୱାଡ଼ା ଜିଲ୍ଲା କିରନ୍ଦୁଲ ଥାନା ଅଞ୍ଚଳର ହିରୋଲି ରାସ୍ତାରେ ପୁଲିସ ଓ ଯବାନମାନେ କମ୍ବିଂ ଅପରେସନ କରୁଥିବା ବେଳେ ପୂର୍ବରୁ ସଡ଼କ ନିକଟରେ ଏକ ଗାତ କରି ଏହି ଆଇଡି ବୋମାକୁ ମାଓବାଦୀମାନେ



ଖଞ୍ଜିଥିଲେ। ତେବେ କମ୍ବିଂ ଅପରେସନ ସମୟରେ ଏହି ଆଇଡି ବୋମାଥିବା ଜାଣିପାରି ଉକ୍ତ ଆଇଡିକୁ ଉଦ୍ଧାର କରି ନିଷ୍କ୍ରିୟ କରିଛନ୍ତି ଯବାନମାନେ। ଏହି ବୋମା ପୁଲିସଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଖଞ୍ଜିଥିବା ଜଣାପଡ଼ିଛି। ସେହିପରି ଅନ୍ୟ ଏକ ଘଟଣାରେ ବିଜାପୁର ଜିଲ୍ଲାରେ ମାଓବାଦୀମାନେ ଏକ ମୋବାଇଲ ଟାୱାରକୁ ନିଆ ଲଗାଇ ଧ୍ୱଂସ କରିଛନ୍ତି। ଖବର ମୁତାବକ ଗତ ଏକ ସପ୍ତାହ ପୂର୍ବେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ କିଛି ମାଓବାଦୀଙ୍କ ମୃତ୍ୟୁ ଘଟିଥିବାରୁ ଏହାର ପ୍ରତିବାଦରେ ମାଓବାଦୀମାନେ ଏହି ଟାୱାରକୁ ନିଆଁ ଲଗାଇ ଧ୍ୱଂସ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଏହି ଟାୱାର ବିଜାପୁର ଜିଲ୍ଲା କୁଟରୁ ମାର୍ଗ ବେଚାରାମ ଗୁଡ଼ମା ଗ୍ରାମ ନିକଟରେ ଥିବା ପୁଲିସ ସୂଚନା ଦେଇଛନ୍ତି। ଉକ୍ତସ୍ଥଳରେ ପଶ୍ଚିମ ବସ୍ତର ଡିଭିଜନ କମିଟିର ମାଓବାଦୀମାନେ କିଛି ପୋଷ୍ଟର ମଧ୍ୟ ଛାଡି ଯାଇଛନ୍ତି। ଉକ୍ତ ପୋଷ୍ଟରରେ ଗୁଳି ବିନିମୟରେ ପ୍ରାଣ ହରାଇଥିବା ମାଓବାଦୀଙ୍କ ପ୍ରତିବାଦରେ ଏପରି କାଣ୍ଡ ଭିଆଇଥିବା ଲେଖାଯାଇଛି। ଏହି ଘଟଣା ନେମେଡ଼ ଥାନାଞ୍ଚଳରେ ହୋଇଥିବା ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

## ଅଙ୍ଗନବାଡ଼ି କେନ୍ଦ୍ରର ଅବ୍ୟବସ୍ଥାକୁ ନେଇ ଉତ୍ତେଜନା



**ମାଲକାନଗିରି, ୯।୨(ସମିସ):** ମାଲକାନଗିରି ଜିଲ୍ଲା ସଦର ବ୍ଲକ ବିଏଲପୁର ପଞ୍ଚାୟତ ଅନ୍ତର୍ଗତ ବୁଟିଗୁଡ଼ା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥାକୁ ନେଇ ଉତ୍ତେଜନା ଦେଖାଦେଇଛି। କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଆଜି କେନ୍ଦ୍ରରେ ଗ୍ରାମବାସୀ ତାଲା ପକାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି କେନ୍ଦ୍ରରେ ଗର୍ଭବତୀ ଓ ଛୋଟ ପିଲାଙ୍କ ପୁଷ୍ଟି ସାଧନ ପାଇଁ ଆସୁଥିବା ସୁକ୍ଷମ ଖାଦ୍ୟ, ଅଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀକୁ ଅଙ୍ଗନବାଡ଼ି କର୍ମୀ ଲୁଟ କରୁଥିବା ବେଳେ କେନ୍ଦ୍ରକୁ ନିୟମିତ ଆସୁନାହାନ୍ତି। ଏହାସହ ପୂର୍ବରୁ ଗ୍ରାମବାସୀ ଏଥିପାଇଁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ଆଜି ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇ ପ୍ରତିବାଦ କରିଥିବା ପ୍ରକାଶ କରିଛନ୍ତି। ଖବର ପାଇ ମାଲକାନଗିରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିପୁଲା ସର୍ଦ୍ଦାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଲୋକଙ୍କ ସହିତ ଆଲୋଚନା ମଧ୍ୟ କରିଛନ୍ତି। ତେବେ ଘଟଣାର ତଦନ୍ତ ପରେ ଦୋଷ ଥିଲେ ନିଶ୍ଚିତ ରୂପେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିପୁଲା ସର୍ଦ୍ଦାର ପ୍ରକାଶ କରିଛନ୍ତି।

## ମେସିନରେ ତିଆରି ହେଉଛି ରାସ୍ତା; ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି ଶ୍ରମିକ

**ପୋଟେରୁ, ୯।୨(ସମିସ)**

ଗରିବ ଓ ଅସହାୟଙ୍କୁ ବାର୍ଷିକ ଅନ୍ୟୂନ୍ୟ ଶହେ ଦିନ ରୋଜଗାର ଯୋଗାଇ ଦେବାକୁ ସରକାର ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରି ମନରେଗା ଭଳି ମହତ୍ ଯୋଜନା କରିଛନ୍ତି। ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନାରେ ଲୋକଙ୍କୁ ସାମିଲ କରାଯାଇ ସୁଶାସନର ଆଶ୍ୱାସନା ମଧ୍ୟ ଦିଆଯାଉଛି। ହେଲେ ବିଭିନ୍ନ ପ୍ରକଳ୍ପ ଓ ନିର୍ମାଣାଧୀନ କାମରେ ଲୋକଙ୍କ ବଦଳରେ ମେସିନ ଲଗାଇ ବେଆଇନ ଭାବେ ନିମ୍ନମାନର କାମ କରାଯାଉଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଯାହାଫଳରେ ବାଧ୍ୟ ହୋଇ ଅଞ୍ଚଳର ଲୋକେ କାମ ଧନ୍ଦା ନ ପାଇ କାମ କରିବାକୁ ବାହାର ରାଜ୍ୟକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କାଲିମେଳା ବ୍ଲକ ଗୁମକା ପଞ୍ଚାୟତ ଏମପିଭି ୧୪ ନମ୍ବର ଗ୍ରାମରୁ ନଦୀଘାଟ ରାସ୍ତାର ମାଟି କାମରେ ବିନା ଫଳକରେ ଠିକାଦାର ମେସିନ ଲଗାଇ କାମ ସାରିଦେଇଛନ୍ତି। ଏହି ପ୍ରକଳ୍ପଟି ମନରେଗା ଯୋଜନାରେ ଲୋକଙ୍କ ଦ୍ୱାରା କରାଯିବାକୁ ଥିବାବେଳେ ଠିକାଦାରଙ୍କ ଦ୍ୱାରା ମେସିନ ଲଗାଇ କାମ କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିଛି ପରିମାଣର ମାଟି ପକାଇ କାମଟି ସମ୍ପୂର୍ଣ୍ଣ ହୋଇଯାଇଥିବା ଲୋକେ ଅଭିଯୋଗ କରିଥିବା ବେଳେ ପ୍ରକଳ୍ପ ଆଡ଼ରେ ପକାଯାଇଥିବା ଏହି ମାଟି ଗୋଟିଏ ବର୍ଷାରେ ଧୋଇ ହୋଇଯିବ ବୋଲି ପ୍ରକାଶ କରିବା ସହ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗ୍ରାମରେ କୌଣସି କାମଧନ୍ଦା ନପାଇ ଲୋକେ କାମ କରିବାକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ରାଜ୍ୟକୁ ଚାଲି ଯାଉଥିବା ବେଳେ ଗ୍ରାମରେ ତରବରିଆ ଭାବେ ଠିକାଦାରଙ୍କ ଦ୍ୱାରା ମେସିନରେ କାମ ସାରି ଦିଆଯାଇଛି। ଏନେଇ ସମ୍ପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିବା ସହ ବାରମ୍ବାର ଫୋନ କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରି ନଥିବାରୁ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ନିମ୍ନମାନର କାମକୁ ସଠିକ୍ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଠିକାସଂସ୍ଥାକୁ ସହରର ସଫେଇ ଟେଣ୍ଡର ପ୍ରଦାନରେ ଅନିୟମିତତା ପ୍ରସଙ୍ଗ

# ଜୟପୁର ପୌରସଂସ୍ଥା ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

**ଜୟପୁର, ୯।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ପକ୍ଷରୁ ସହରରେ ସଫେଇ ପାଇଁ ଠିକାସଂସ୍ଥାକୁ ଟେଣ୍ଡର ପ୍ରଦାନରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଏନେଇ ଜୟପୁର ପୌରସଂସ୍ଥା ବିରୁଦ୍ଧରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଗତ ଜାନୁଆରୀ ୧୦ ତାରିଖରେ ଜୟପୁର ପୌରସଂସ୍ଥା ପକ୍ଷରୁ ଟେଣ୍ଡର ମାଧ୍ୟମରେ ଘରୋଇ ସଂସ୍ଥାକୁ ସହରରେ ସଫେଇ ଦାୟିତ୍ୱ ଏବଂ ସହରର ନିର୍ଗତ ଅଳିଆ ଆବର୍ଜନାକୁ ଉଠାଇବାକୁ ଦ୍ୱିତୀୟ ଟେଣ୍ଡର ଆହ୍ୱାନ କରଯାଇଛି। ଏନେଇ ୮ଜଣ ଟେଣ୍ଡର ଦାଖଲ କରିଥିଲେ। ଲଟେରୀ ମାଧ୍ୟମରେ ଟେଣ୍ଡର ଖୋଲିବା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ୩ ବର୍ଷରେ ୩ କୋଟି ଟଙ୍କା କାରବାର ଦେଖାଇ କେବଳ ଦୁଇ ସଂସ୍ଥାକୁ ଏହି ସଫେଇ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଏଥିରୁ ବାଦ୍ ଦିଆଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଜୟପୁର ପାୱାରହାଉସ ବାସିନ୍ଦା କେଦାରଗୌରୀ ଦାଶ ଲିଖିତ ଅଭିଯୋଗ କରିବା ସହିତ ଏହାର ତଦନ୍ତ କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଜୟପୁର ପୌରସଂସ୍ଥା ପକ୍ଷରୁ ଦୁଇଟି ଠିକାସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇ ଜୟପୁର




ସଫେଇ ନାମରେ ଦୁଇଟି ଟେଣ୍ଡର ମାଧ୍ୟମରେ ବାର୍ଷିକ ୭ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରୁଛି। କିନ୍ତୁ ବାର୍ଷିକ ସଫେଇ ପାଇଁ ଏତେ ପରିମାଣରେ ଟଙ୍କା ପ୍ରଦାନ କରିବା ନେଇ କାଉନସିଲ ବୈଠକରେ ପ୍ରସ୍ତାବ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ। ଗତ ବର୍ଷ ୨୭୨ ଜଣ ସଫେଇ କର୍ମଚାରୀଙ୍କୁ ସହରର ସଫେଇ ଦାୟିତ୍ୱରେ ନିଯୁକ୍ତ କରାଯାଇଥିବା ବେଳେ ଚଳିତ ବର୍ଷରେ ପ୍ରାୟ ୨୫ ପ୍ରତିଶତ ବୃଦ୍ଧି କରାଯାଇ ୩୬୧ ଜଣ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଟେଣ୍ଡରରେ ସର୍ତ୍ତ ରଖାଯାଇଥିଲା। ଚଳିତ ଟେଣ୍ଡର ପୁରାତନ ସଫେଇ ଠିକାସଂସ୍ଥାକୁ ପୁନଃ ସଫେଇ ଦାୟିତ୍ୱ ପ୍ରଦାନ ଓ ଥଇଥାନ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ତିନିବର୍ଷରେ ୩ କୋଟି ଟଙ୍କା କାରବାର କରିବାକୁ ଟେଣ୍ଡର ଖୋଲିବା ପ୍ରକ୍ରିୟା ସରି ଲଟେରୀ ପରେ ସର୍ତ୍ତ ରଖାଯାଇଥିଲା। ଏଭଳି ସର୍ତ୍ତ ଯୋଗୁଁ ଅନ୍ୟାନ୍ୟ ଠିକାସଂସ୍ଥା ଏହି ଟେଣ୍ଡର ପାଇବାରୁ ବେଦଖଲ ହୋଇଯାଇଥିଲେ। ତେବେ ଏପରି ସର୍ତ୍ତ ରଖିବା ନେଇ କାଉନସିଲ ବୈଠକରେ ମତାମତ ମଧ୍ୟ ଗ୍ରହଣ କରାଯାଇନାହିଁ ବୋଲି କିଛି କାଉନସିଲର ଅଭିଯୋଗ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯିବାକୁ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ଏହି ଅଭିଯୋଗକୁ ନେଇ ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କୁ ପଚାରିବାକୁ କହିଛନ୍ତି ଯେ, ଟେଣ୍ଡର ପ୍ରକ୍ରିୟା ନିୟମ ଅନୁଯାୟୀ ହୋଇଛି। ଏହା ଖୋଲା ଟେଣ୍ଡର ଆହ୍ୱାନ କରାଯାଇଥିବା ଯୋଗୁଁ କୌଣସି କାଉନସିଲ ବୈଠକରେ ପ୍ରସ୍ତାବ କରାଯାଇ ମତାମତ ଗ୍ରହଣ କରିବାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି।

## ସହରାଞ୍ଚଳର ବିକାଶ ସଚେତନତା ଶିବିର ଉଦ୍‌ଯାପିତ

**ଉମରକୋଟ, ୯।୨(ସମିସ)**

ଉମରକୋଟ ପୌର ପରିଷଦ ପକ୍ଷରୁ ସହରାଞ୍ଚଳର ବିକାଶକୁ ନେଇ ଆମ ଓଡ଼ିଶା, ନବୀନ ଓଡ଼ିଶା ସହରି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ୫ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୫ ତାରିଖ ଦିନ କୋଣ୍ଡାଗାଁ ରୋଡ୍ ସ୍ଥିତ କଲ୍ୟାଣୀ ମଣ୍ଡପଠାରେ ୧, ୨, ୩ ନଂ ୱାର୍ଡ, ୬ ତାରିଖ ଦିନ ରାମ ମନ୍ଦିର କଲ୍ୟାଣୀ ମଣ୍ଡପଠାରେ ୪, ୫, ୬ ନଂ ୱାର୍ଡ, ୭ ତାରିଖ ଦିନ ସିଟି ସ୍କୁଲ୍ ପଡ଼ିଆଠାରେ ୭, ୧୦ ନଂ ୱାର୍ଡ, ୮ ତାରିଖ ଦିନ ନୂଆ ବସଷ୍ଟାଣ୍ଡଠାରେ ୯, ୧୪ ନଂ ୱାର୍ଡ, ୯ ତାରିଖ ଦିନ ଡିଏନକେ ମିନି ଷ୍ଟାଡିୟମଠାରେ ୧୧, ୧୨, ୧୩ ନଂ ୱାର୍ଡରେ ଆମ ଓଡ଼ିଶା ନବୀନ ଓଡ଼ିଶା ସହରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ଅଧ୍ୟକ୍ଷା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ୱାର୍ଡ ନଂ ୨ର କାଉନସିଲର ଚିତ୍ତରଞ୍ଜନ ପାତ୍ର, ଜଳସାଥୀ ମୋନିକା ଦାସ, ପୌର ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ଗୋଷ୍ଠୀ ସଂଗଠିକା ଦୀପ୍ତିମୟୀ ମହାନ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୌର ପରିଷଦର ସହର ମିଶନ ପରିଚାଳକ ଅଭିଷେକ ମିଶ୍ର ପରିଚାଳନା କରିଥିଲେ। ରାଜ୍ୟ ସରକାର ସହାରାଞ୍ଚଳର ବିକାଶ ପାଇଁ ଅହରହ ଚେଷ୍ଟା ଯୋଗୁଁ ସହରର ବିକାଶ ହୋଇପାରିଛି ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟଶ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ବିଭାଗର ଷ୍ଟଲ୍ ତିଆରି କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ସହରାଞ୍ଚଳର ବିକାଶ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୧, ୧୨ ଓ ୧୩ ନମ୍ବର ୱାର୍ଡର ମହିଳାମାନେ ଯୋଗ ଦେଇଥିବାବେଳେ ପୌର ପରିଷଦର ସମସ୍ତ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



# ଭଙ୍ଗାଦଦରା ଅବସ୍ଥାରେ ଝିଲିମୁଣ୍ଡା ଚେକ୍‌ଡ୍ୟାମ୍

## ୨ ହଜାର ଚାଷ ଜମିକୁ ପାଣି ମାଡୁନାହିଁ; କ୍ଷତି ସହୁଛନ୍ତି ଚାଷୀକୁଳ





**ମୁନିଗୁଡ଼ା, ୯।୨(ସମିସ):** ଦୀର୍ଘ ବର୍ଷ ଧରି ଭଙ୍ଗାଦଦରା ହୋଇ ଅବହେଳିତ ଅବସ୍ଥାରେ ପଡ଼ି ରହିଛି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗର ଚେକଡ୍ୟାମ୍। ବନ୍ଧ ଶୁଖିଲା ପଡ଼ିଥିବା ବେଳେ କେଉଁଠି ପାଇପ୍ ଫାଟିଯାଇଛି ତ ଆଉ କେଉଁଠି କେନାଲ ବନ୍ଦହୋଇ ପାଣି ଆଉ ଚାଷ ଜମିକୁ ମାଡୁ ନାହିଁ। ଯାହା ଫଳରେ ଦୁଇ ହଜାର ଏକର ଜମି ପଡ଼ିଆ ପଡୁଥିବା ବେଳେ ୨୦୦ ଚାଷୀକୂଳ ଚାଷ ନକରି ମୁଣ୍ଡରେ ହାତଦେଇ ବସିଛନ୍ତି। କଥାରେ ଅଛି ଚାଷ କାମ ଯାହାର ସବୁ ସୁଖ ତାହାର, ହେଲେ ଏଠି ଚାଷୀମାନେ ନିଜ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି ବୋଲି ଅଞ୍ଚଳର ଚାଷୀ କୃଷ୍ଣ ବରାଳ, ମଧୁବନ କରକରିଆ, ବିଲେକ କରକରିଆ, ଏନ.ପ୍ରସାଦ, ଏମ ବାଲା, ପି.ରାମଚନ୍ଦ୍ର ରାଓ, ପି.ଲକ୍ଷ୍ମୀପ୍ରସାଦ, ପି.ସତିଶ ଅର୍ଜୁନ କରକରିଆ, ସାନ ଗୌଡ଼, ଓମପ୍ରକାଶ ପଟ୍ଟନାୟକ ଓ ରଘୁ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ପଞ୍ଚାୟତ ଗୁରୁଡ଼ ଗାଁ ବନ୍ଧଗୁଡ଼ା ଗ୍ରାମ ନିକଟ ମଧ୍ୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗ ପକ୍ଷରୁ ଦୀର୍ଘବର୍ଷ ହେବ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଝିଲୀମୁଣ୍ଡା ଚେକଡ୍ୟାମ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ହେଲେ ଆଜକୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବାକୁ ବସିଲାଣି ଉକ୍ତ ଚେକଡ୍ୟାମ୍ ଭଙ୍ଗାଦଦରା ହୋଇ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ବେଳେ ନିକଟରେ ଥିବା ବନ୍ଧରେ ଟୋପାଏ ବି ପାଣି ନାହିଁ। କେଉଁଠି ପାଇପ ଫାଟି ଯାଇଛି ତ ଆଉ କେଉଁ ସ୍ଥାନରେ କେନାଲ ବନ୍ଦ ହୋଇଯିବାରୁ ଚାଷ ଜମିକୁ ପାଣି ମାଡୁ ନାହିଁ। ଯାହାଫଳରେ ଆଜକୁ ଦୀର୍ଘ ୧୦ ବର୍ଷ ବିତିଗଲାଣି ଚାଷୀମାନେ କେବଳ ବର୍ଷା ଉପରେ ନିର୍ଭର କରିଆସୁଛନ୍ତି। ପ୍ରାୟ ୧୦ ବର୍ଷ ହେଲା ଠିକ ଭାବେ ମୌସୁମୀ ବର୍ଷା ନ ହେବା ଦ୍ୱାରା ଚାଷୀମାନଙ୍କୁ ବହୁତ କ୍ଷତି ସହିବାକୁ ପଡୁଛି। ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ରାୟଗଡ଼ା ଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହି ଅଞ୍ଚଳବାସୀ ସମ୍ପୂର୍ଣ୍ଣ ଭାବରେ ଚାଷ ଉପରେ ନିର୍ଭର କରୁଥିବା ବେଳେ ଏଠାରେ କୌଣସି ନିର୍ଭରଯୋଗ୍ୟ ନଦୀବନ୍ଧ ଯୋଜନା କିମ୍ବା କୌଣସି କେନାଲ ଓ ବୋରୱେଲର ସୁବିଧା ନାହିଁ। ଏହି ପରିସ୍ଥିତିରେ ପ୍ରାକୃତିକ ଜଳ ସଦୁପଯୋଗ ପାଇଁ ଛୋଟ ବ୍ୟାରେଜ କରିବା ଦ୍ୱାରା ଜଳର ସଦୁପଯୋଗ ହୋଇପାରିବା ସହ ଚାଷୀମାନେ ଦୁଇଥର ଚାଷ କରି ପାରିବେ। ବନ୍ଧମୁଣ୍ଡା ଗ୍ରାମଠାରେ ଝିଲିମୁଣ୍ଡା ଜଳଉତ୍ସରେ ଏକ ଚେକଡ୍ୟାମ୍ କରାଯିବା ସହ ଏକ କେନାଲ ବ୍ୟବସ୍ଥା କରାଗଲେ ଏହି ଅଞ୍ଚଳର ଚାଷୀ ବର୍ଷକୁ ଦୁଇ ଥର ଚାଷ କରି ଉପକୃତ ହୋଇପାରନ୍ତେ। ତେବେ ଖରିଫ ଚାଷ ପୂର୍ବରୁ ଉକ୍ତ କାର୍ଯ୍ୟକୁ ଆରମ୍ଭ କରାଗଲେ ଚଳିତ ମାସ ଚାଷୀକୂଳ ଉପକୃତ ହୋଇ ପାରିବେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଉକ୍ତ ବିଷୟରେ ଜଳସମ୍ପଦ ବିଭାଗ ମୁନିଗୁଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ଏହି ବିଷୟରେ କିଛି ଖବର ନାହିଁ, ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଉକ୍ତ ସ୍ଥାନକୁ ଯାଇ ତଦନ୍ତ କରିବା ସହ ଯାହା ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କୁ ଶ୍ରଦ୍ଧାଞ୍ଜଳି

**ମାଥିଲି, ୯।୨(ସମିସ):** ଗୁରୁବାର ମାଲକାନଗିରି ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲିଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବହୁ ଜନପ୍ରତିନିଧି, ସମାଜସେବୀ, ରାଜ୍ୟର ସମସ୍ତ ରାଜନୈତିକ ଦଳର ନେତା, ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ମୁଦୁଲି ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ ନାୟକ, ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ମାଝି, ସ୍ଥାନୀୟ ଜନ ପ୍ରତିନିଧି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝିଙ୍କ ସହ ବହୁ ବୁଦ୍ଧିଜୀବୀ, ଦଳୀୟ ନେତା ଓ ସମାଜସେବୀ ଉପସ୍ଥିତ ରହି ଗଭୀର ଶୋକ ପ୍ରକାଶ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ସାଂସଦ ପ୍ରତନିଧି ଜଗନ୍ନାଥ ମାଝୀ, ଜିଲ୍ଲା ସମ୍ପାଦକ ସରୋଜ କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନି,



ମହିଳା ସଭାନେତ୍ରୀ ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଥିଲେ। ତାଙ୍କର ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ଉପଦେଷ୍ଟା ପ୍ରଦୀପ ମାଝି, ଜିଲ୍ଲା ବିଜୁ ଜନତା ଦଳ ସଭାପତି ବିଧାୟକ ମାନସ ମାଡ଼କାମି, ପୂର୍ବତନ ବିଧାୟକ ଡମ୍ବରୁ ସୀସା ଓ ମୁକୁନ୍ଦ ସୋଡ଼ି, ଜିଲ୍ଲା ଏସଡିସି ଅଧ୍ୟକ୍ଷ ଆଡ଼ମା ରାବା, ଜିଲ୍ଲା ପରିଷଦ ସଦସ୍ୟା ତଥା ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା, ଜିଲ୍ଲା ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଜିଲ୍ଲା ଆଇନ୍ ସାମ୍ମୁଖ୍ୟ ସଭାପତି ତଥା ବରିଷ୍ଠ ବିଜେଡି ନେତା ଗୋପାଳକୃଷ୍ଣ ପଣ୍ଡା, ଜିଲ୍ଲା ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ସୁନିତା ଜେନା, ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ବାସୁଦେବ ଜେନା, ସାମ୍ବାଦିକ ଶ୍ୟାମାପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ବ୍ଲକ୍‌ସ୍ତରୀୟ ସଶକ୍ତ ଓଡ଼ିଶା ସାଥୀ ଶିବିର

**ମାଥିଲି, ୯।୨(ସମିସ):** ରାଜ୍ୟ ସରକାରଙ୍କ ଜନଜାତି ଉନ୍ନତି ନିମନ୍ତେ ଅନୁସୂଚିତ ଜାତି ଓ ଜନଜାତି, ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ମାଧ୍ୟମରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହିକ୍ରମରେ ମାଲକାନଗିରି ଜିଲ୍ଲା ମାଥିଲି ପଞ୍ଚାୟତ ସମିତି ଆନୁକୂଲ୍ୟରେ ସହିଦ ଲକ୍ଷ୍ମଣ ନାୟକ ଭବନଠାରେ ସଶକ୍ତ ଓଡ଼ିଶା ସାଥୀ ଶିବିର ଓ ଜନଜାତି ସଂସ୍କୃତି ପ୍ରଗତି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଲକାନଗିରି ଜିଲ୍ଲା ଉପ ଅଧ୍ୟକ୍ଷା ରାଇଲା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେର ଜିଲ୍ଲା ପରିଷଦ ସଭ୍ୟ ହୀରଣ୍ୟ ମୁଦୁଲି ଓ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାଝୀ, ମାଥିଲି ସଦର ପଞ୍ଚାୟତ ସରପଞ୍ଚ କାନାମ ରାଜୁ ନାୟକ ଓ ସମିତି ସଭ୍ୟ ବାଲରାଜୁ କୋପେ, ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ,



ବ୍ଲକ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜଗତର ନାଥ ଜଗନ୍ନାଥଙ୍କ ଫଟୋଚିତରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆଦିବାସୀ ନିଜର କଳା ଓ ସଂସ୍କୃତିର ପୁନରୁଦ୍ଧାର କରିବା ସହ ସ୍ୱାଭିମାନ ମାଟିର ସ୍ୱାଭିମାନ ବଞ୍ଚାଇ ରଖିବାକୁ ଶ୍ରୀମତୀ ନାୟକ ଉପସ୍ଥିତ ସମସ୍ତ ଜନଜାତିଙ୍କୁ ଆହ୍ୱାନ କରିଥିଲେ। ପରମ୍ପରାକୁ ବଞ୍ଚାଇ ପାରିଲେ ହିଁ ଆଦିବାସୀଙ୍କ ଉନ୍ନତି ହୋଇପାରିବ ବୋଲି ମାଥିଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ମହେଶ କୁମାର ବାକା ନିଜର ଅଭିଭାଷଣ ରଖିଥିଲେ। ଏହିଅବସରରେ ମାଥିଲି ଜିଲ୍ଲା ପରିଷଦ ଜୋନ-୩ ସଭ୍ୟା ସସ୍ମିତା ମାଝୀ କହିଥିଲେ ଯେ, ଅବିଭକ୍ତ କୋରାପୁଟ ମାଟିର ଜନଜାତି ଭାଇଭଉଣୀଙ୍କ ପ୍ରତ୍ୟେକ କ୍ଷେତ୍ରରେ ବହୁତ ଅବଦାନ ରହିଛି। ତେଣୁ ଆମେ ସଚେତନ ହେବା ସହ ଲୁକ୍କାୟିତ କଳା ଓ ସାଂସ୍କୃତିକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହିଅବସରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ ସବାଗତ ଭାଷଣ ପ୍ରଦାନ କରିଥିଲେ। ମାଥିଲି ବ୍ଲକର କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ପ୍ରଯତ୍ନ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଏଠାରେ ସମ୍ବର୍ଦ୍ଧନା ଦିଆଯାଉଛି। ସେହିପରୀ ବିଭିନ୍ନ ଜନଜାତିର କଳାକାର ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସମସ୍ତ ଆଦିବାସୀ ନୃତ୍ୟ ପରିବେଷଣ କରିଥିବା ସମସ୍ତ ସଂଗଠନକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରଧାନଙ୍କ ଦ୍ୱାର ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଶିବଶଙ୍କର ସାହୁ ପରିଚାଳନା କରିଥିବା ବେଳେ ପାଙ୍ଗାମ ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୀୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ଅନ୍ୟାନ୍ୟ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ଜନଜାତି ମୁଖ୍ୟ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ




**ମାଥିଲି, ୯।୨(ସମିସ)**

ସରକାର ସବୁ ସମୟରେ ମହିଳାମାନଙ୍କୁ ଅଗ୍ରାଧିକାର ଦେବା ସହ କିପରି ମହିଳାମାନେ ଶିକ୍ଷିତ ହେବେ ଓ ନିଜର ଆତ୍ମରକ୍ଷା କରିପାରିବେ ସେଥିପାଇଁ ଆପ୍ରାଣ ଚେଷ୍ଟା ଜାରି ରଖିଛନ୍ତି। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ମହିଳାମାନେ ନିଜର ଆତ୍ମରକ୍ଷା ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇ ସରକାର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ପ୍ରଶିକ୍ଷଣ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ମାଲକାନଗିରି ଜିଲ୍ଲା ମାଥିଲିଠାରେ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ଏକ ସପ୍ତାହେ ଧରି ଚାଲିଥିବା ଆତ୍ମରକ୍ଷା ଶିବିରରେ ୧୯୧ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିବାବେଳେ ଶୁକ୍ରବାର ଏହାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଥିଲି ବ୍ଲକ୍ ଅଧ୍ୟକ୍ଷ ମହେଶ କୁମାର ବାକା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ମାଥିଲି ବ୍ଲକ୍ ଜିଲ୍ଲା ପରିଷଦ ସଭ୍ୟ ହୀରଣ୍ୟ ମୁଦୁଲି ଯୋଗଦେଇଥିଲେ। ଉତ୍କଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ସସ୍ମିତା କିର୍ଷାନି ଓ ଜ୍ୟୋତିର୍ମୟୀ ଖରା ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ସମସ୍ତ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ଭଦ୍ରା ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ, ରାଜକିଶୋର ଜେନା, ନବୀନ ବିଶ୍ୱାଳ, ଅଧ୍ୟାପିକା ଦିପମାଳା ଦାସ ଓ ମନିଷା ଗୌଡ଼ ଉପସ୍ଥିତ ରହି ସହଯୋଗ କରିଥିବା ଦେଖିବାକୁ ମିଳିଥିଲା।

# ପ୍ରୋଜେକ୍ଟ ଉଦ୍ୟୋମୀର ବାର୍ଷିକ ଉଦ୍ୟୋଗୀ ସମ୍ମିଳନୀ

**ଟିକିରି, ୯।୨(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା କମ୍ପାନୀର ସହଭାଗିତାରେ ଗଢ଼ି ଉଠିଥିବା ପ୍ରୋଜେକ୍ଟ ଉଦ୍ୟୋମୀର ବାର୍ଷିକ ଉଦ୍ୟୋଗୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୟୁନିଟ ହେଡ ତଥା ପ୍ରେସିଡେଣ୍ଟ ଉତ୍କଳ ଆଲୁମିନା ଓ ଆଦିତ୍ୟ ଆଲୁମିନା ମୋଜହର ବେଗ, ଏଫଏଚ ସିଏସଆର ଏଣ୍ଡ ସଷ୍ଟେନବିଲିଟି ଲୋପାମୂଦ୍ରା ମିଶ୍ର, ସେକସନ ହେଡ ସିଏମଆର ଏଣ୍ଡ ସଷ୍ଟେନବିଲିଟି ତନ୍ମୟ ମହାନ୍ତି, ଡାଇରେକ୍ଟର ଇଡିଆଇଆଇ ସୁବ୍ରତ କୁମାର ବିଶ୍ୱାଳ, ଆଇପି ଓଡିଆଇ ସିତ୍ତିରଞ୍ଜନ ମଲ୍ଲିକ, ବିପିଏମ ଓଏଲଏମ କାଶୀପୁର କିର କରକରିଆ ଉପସ୍ଥିତ ଥିଲେ। ୨୦୨୧ରୁ ଆରମ୍ଭ ହୋଇ ପ୍ରୋଜେକ୍ଟ ଉଦ୍ୟୋମୀ ଦ୍ୱାରା ରାୟଗଡ଼ା ଜିଲ୍ଲାର କାଶିପୁର ବ୍ଲକ ଓ କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକରୁ ପ୍ରାୟ ୨୫୦ ଜଣ ଛୋଟବଡ଼ ଉଦ୍ୟୋଗୀ ତିଆରି କରିଛି। ଏହା ଆହୁରି ଅନେକ ଉଦ୍ୟୋଗୀ ତିଆରି କରିବା ପାଇଁ ଲକ୍ଷ୍ୟ ରଖିଛି। ଆଜି ଗକୁଳମୂଣ୍ଡାସ୍ଥିତ ଉଦ୍ୟୋମୀ ଅଫିସଠାରେ ପ୍ରାୟ ୨୫୦ ଜଣ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।




# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମନ୍ୱୟ ବୈଠକ

**କୋରାପୁଟ, ୯।୨(ସମିସ):** ଜିଲ୍ଲା ଜରୁରିକାଳୀନ ବିଭାଗ କାର୍ଯ୍ୟାଳୟଠାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜରୁରିକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଯୋଗଦେଇ ବ୍ଲକସ୍ତରରେ କାର୍ଯ୍ୟ କରୁଥିବା ସରକାରୀ ଅଧିକାରୀଙ୍କ ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସେକ୍ସନ ଅଫିସର ପ୍ରଶାନ୍ତ କୁମାର ସାମଲ, ଡିଆରଆରସି ଏ.କେ.ଭୂୟାଁ, ପ୍ରଗତି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ପ୍ରଭାକର ଅଧିକାରୀଙ୍କ ସହ ଶୋଭା, ଏକତା, ସିୱାଇଏସଡି, ଧାନ ଫାଉଣ୍ଡେସନ, ଏଫଇଏସ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



# ରୋଗଶଯ୍ୟାରେ ରୋଜଗାରିଆ



**ମୈଦଲପୁର, ୯।୨(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ କଣ୍ଟାମାଳ ପଞ୍ଚାୟତ ତଥା ସଦର ମହକୁମାର ଲକ୍ଷ୍ମୀକାନ୍ତ ବିଷୋୟୀ (୩୮)ଙ୍କ ଚିକିତ୍ସାରେ ଅର୍ଥାଭାବ ବାଧକ ସାଜିଛି। ରୋଜଗାରିଆ ସ୍ୱାମୀ ହଠାତ୍ ପକ୍ଷାଘାତରେ ପୀଡ଼ିତ ହୋଇପଡ଼ିଥିବାରୁ ବିଭିନ୍ନ ହସ୍ପିଟାଲରେ ତାଙ୍କ ଚିକିତ୍ସା କରାଯାଇଥିଲେ ହେଁ ସୁସ୍ଥ ହୋଇପାରିନାହାନ୍ତି। ବର୍ତ୍ତମାନ ପାଖରେ ଅର୍ଥର ଅଭାବ ହେତୁ ପରିବାର ଲୋକ ତାଙ୍କ ଚିକିତ୍ସା କରିପାରୁନାହାନ୍ତି।

ସ୍ତ୍ରୀ ସୁମିତ୍ରା, ପୁଅ ଓ ଦୁଇଟି ଝିଅଙ୍କୁ ନେଇ ଲକ୍ଷ୍ମୀକାନ୍ତଙ୍କ ପରିବାର। ବଡ଼ ଝିଅଙ୍କୁ ବିବାହ ଦେଇଥିବାବେଳେ ଚାଷ ଓ ବାହାର ଜିଲ୍ଲାରେ ପାଇପ୍ କାମକରି ଲକ୍ଷ୍ମୀକାନ୍ତ ପରିବାର ଚଳାଉଥିଲେ। ସେ ଗତ କିଛିଦିନ ହେବ ପକ୍ଷାଘାତରେ ପୀଡ଼ିତ ହେବା ପରେ ପରିବାର ଚଳାଇବା କଷ୍ଟକର ହୋଇଛି। ଲକ୍ଷ୍ମୀକାନ୍ତ ନବରଙ୍ଗପୁର ଓ ବଲାଙ୍ଗୀର ମେଡିକାଲରେ ଚିକିତ୍ସିତ ହୋଇଥିଲେ। ତଥାପି ସେ ସୁସ୍ଥ ହୋଇପାରି ନାହାନ୍ତି। ସ୍ୱାସ୍ଥ୍ୟାବସ୍ଥାରେ କିଛି ସୁଧାର ଆସୁନାହିଁ। ବର୍ତ୍ତମାନ ସେ ଠିକରେ କଥା ହୋଇପାରୁ ନ ଥିବାବେଳେ ଶରୀରର ଗୋଟିଏ ଅଂଶ କାମ କରୁନାହିଁ। ବାଡ଼ି ଧରି ଚଲାବୁଲା କରୁଛନ୍ତି। ସ୍ତ୍ରୀ ସୁମିତ୍ରାଙ୍କ ସହାୟତାରେ ସେ ନିତ୍ୟକର୍ମ କରନ୍ତି। ଲକ୍ଷ୍ମୀକାନ୍ତଙ୍କ ଚିକିତ୍ସା ପାଇଁ ସୁନା ଗହଣା ବିକ୍ରି କରାଯିବା ସହିତ କିଛି ଗହଣା ବନ୍ଧା ପଡ଼ିଥିବା ସ୍ତ୍ରୀ ସୁମିତ୍ରା କହିଛନ୍ତି। ଝିଅ ଯୁକ୍ତ ୨ ପଢ଼ି ବେକାର ଥିବାବେଳେ ପୁଅ ଦଶମ ଶ୍ରେଣୀରେ ପଢୁଛି। ଅର୍ଥାଭାବରୁ ସ୍ୱାମୀଙ୍କ ଚିକିତ୍ସା ହୋଇପାରୁ ନ ଥିବାରୁ ଉତ୍ତମ ଚିକିତ୍ସା କିପରି କରିବେ ସେଥିପାଇଁ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ପ୍ରଶାସନ ତରଫରୁ ଲକ୍ଷ୍ମୀକାନ୍ତଙ୍କ ପରିବାରକୁ ମାସକୁ ୨୦ କିଲୋ ଚାଉଳ ମିଳୁଛି। ଲକ୍ଷ୍ମୀକାନ୍ତଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ଲୋକେ ଓ ଗ୍ରାମବାସୀ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ ଥାଇ ମଧ୍ୟ ତାହା ଚିକିତ୍ସା ସହାୟ ହେଉ ନ ଥିବା ପରିବାର ଲୋକ କହୁଥିବାବେଳେ ଏହାକୁ ଉପଯୋଗ କରିବାରେ ପ୍ରଶାସନିକ ଅଧିକାର ସହଯୋଗ କରିବାକୁ ଦାବି ହୋଇଛି।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବିଜ୍ଞାପନ ଘଟଣା

# ଖସିଗଲେ ବଡ଼ ବାବୁ; ବଳି ପଡ଼ିଲେ ତଳିଆ କର୍ମଚାରୀ

**ମୁନିଗୁଡ଼ା, ୯।୨(ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବିଜ୍ଞାପନ ଘଟଣାରେ ମୁନିଗୁଡ଼ା ବ୍ଲକ୍ ପାତ୍ରଗୁଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାକର ନାଲାଙ୍କ ନିଲମ୍ବନ ଘଟଣାକୁ ମୁନିଗୁଡ଼ାବାସୀ ନିନ୍ଦା କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉକ୍ତ ଘଟଣା ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ ନ କରି କିଛି ଦୋଷ ନ ଥାଇ ପାତ୍ରଗୁଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାକର ନାଲାଙ୍କୁ ନିଲମ୍ବନ କରାଯିବା ଘଟଣାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଅଞ୍ଚଳବାସୀ।

ସୂଚନା ଅନୁଯାୟୀ, ମୁନିଗୁଡ଼ା ବ୍ଲକର ସମସ୍ତ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ପାତ୍ରଗୁଡ଼ା ପଞ୍ଚାୟତରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ବିଜ୍ଞାପନ, ପୋଷ୍ଟର, ବ୍ୟାନର ମାଧ୍ୟମରେ ଲୋକଙ୍କ ନିକଟତର କରାଯାଇଥିଲା। ହେଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜଣେ ସୁସ୍ଥ ସବଳ ବ୍ୟକ୍ତି ସହଦେବ ପ୍ରାସ୍କାଙ୍କୁ କିଡନୀ ରୋଗୀ




ରୂପେ ଭୁଲରେ ପ୍ରଚାର କରାଯାଇଥିବା ଦେଖିବାକୁ ମିଳିଥିଲା। ପାତ୍ରଗୁଡ଼ା ଗ୍ରାମ ରୋଜଗାର ସେବକ ଗଣେଶ ପୂଜାରୀ ଭୁଲରେ ଏହି ବିଜ୍ଞାପନ ଦେଇଥିବା ନିଜେ ସ୍ୱୀକାର କରିବା ସହ ଉପଭୋକ୍ତା ସହଦେବ ପ୍ରାସ୍କା ମଧ୍ୟ ଗଣେଶ ପୂଜାରୀଙ୍କ ଉପରେ ଦୋଷ ଲଦିଥିଲେ। ହେଲେ ଏଠି ସଠିକ୍ ତଦନ୍ତ ନ କରି ଦୋଷ ଥିବା କର୍ମଚାରୀଙ୍କୁ ଛାଡ଼ି ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାକର ନାଲାଙ୍କୁ କାହିଁକି ନିଲମ୍ବନ କରାଗଲା ବୋଲି ପ୍ରଶ୍ନ କରିଛନ୍ତି ଲୋକେ। ପଞ୍ଚାୟତ ଗ୍ରାମ ରୋଜଗାର ସେବକଙ୍କ ଭୁଲ ଯୋଗୁଁ ପଞ୍ଚାୟତର ମୁଖ୍ୟଙ୍କୁ ଯଦି ଦୋଷୀ ସାବ୍ୟସ୍ତ କରି ନିଲମ୍ବନ କରାଯାଉଛି, ତେବେ ମୁନିଗୁଡ଼ା ପଞ୍ଚାୟତ ସମିତି ମୁଖିଆ ବିଡିଓ ପ୍ରିତମ କୁମାର ତନ୍ତିଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି। ଏହା ବିଜ୍ଞାପନ ଦିଆଯିବା ସମୟରେ ବିଡିଓ ମହାଶୟ ଭଲଭାବେ କାହିଁକି ତଦାରଖ କଲେ ନାହିଁ, ଏହା କ'ଣ ତାଙ୍କର ଦାୟିତ୍ୱ ନୁହେଁ କି ବୋଲି ଅନେକ ପ୍ରଶ୍ନ ଏବେ ଅଞ୍ଚଳବାସୀଙ୍କ ମନରେ ଉଙ୍କି ମାରୁଛି। ଶ୍ରୀ ନାଲାଙ୍କ ନିଲମ୍ବନ ଖବର ପ୍ରସାରଣ ହେବା ପରେ ବଡ଼ ବଡ଼ିଆ ଖସି ଯାଉଛନ୍ତି ଆଉ ତଳ କର୍ମଚାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ଚର୍ଚ୍ଚା ହେବା ସହ ଉକ୍ତ ଘଟଣାର ସଠିକ୍ ତଦନ୍ତ କରାଯାଇ ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତମ କୁମାର ତନ୍ତିଙ୍କୁ ତଦନ୍ତ ପରିସରକୁ ଅଣାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁନିଗୁଡ଼ା, ପାତ୍ରଗୁଡ଼ା, ଅମ୍ବାଦଳା, ମୁନିଖୋଲ, ତେଲେଙ୍ଗାପଦର, ଶିବପଦର, ରାଣୀପିଣ୍ଡା, ଅମ୍ଲାଭଟା ଭଳି ପଞ୍ଚାୟତବାସୀ ଦାବି କରିଛନ୍ତି।

## 'ଆମ ଓଡ଼ିଶା-ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର

# 'ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ'






**ଦୁର୍ଗୀ, ୯।୨(ସମିସ)**

ବିଷମ କଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତ ପରିସରରେ ଥିବା ଏମସିସି ପଡ଼ିଆରେ ଦୁର୍ଗୀ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ଜିଲ୍ଲା ପରିଷଦ ସଭ୍ୟା ବିଜୟଶାନ୍ତି କୁମୁରୁକାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ସମ୍ମାନିତ ଅତିଥି ରୂପେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ବ୍ଲକ୍ ଅଧକ୍ଷା ଯଶୋଦା ହୁଇକା, ବ୍ଲକ୍ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟା ସୁଜାତା କାଡ୍ରାକା, ବିପିଏମ୍ ମନୀଷା, ସ୍ଥାନୀୟ ସରପଞ୍ଚ ବିଜୟ କୁମୁରୁକା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦୁର୍ଗୀ ପଞ୍ଚାୟତ ଜିଆରଏସ୍ ଉମାଶଙ୍କର ରହ୍ମାଲୁ ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଶ୍ରୀ ଦାସ ମଞ୍ଚରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କିପରି ଲୋକମାନଙ୍କ ନିକଟରେ ପହଞ୍ଚିବ ସେନେଇ ବକ୍ତବ୍ୟ ରଖିବା ସହ ପଞ୍ଚାୟତରେ ଥିବା ସମସ୍ତ ଗ୍ରାମର ଭିତ୍ତିଭୂମି ବିକାଶ 'ଆମ ଓଡ଼ିଶା, ନବୀନ ଓଡ଼ିଶା'ର ମୁଖ୍ୟ ଉଦ୍ଦେଶ୍ୟ, ଧର୍ମସ୍ଥଳୀଗୁଡ଼ିକର ରୂପାନ୍ତୀକରଣ, ବ୍ୟାଙ୍କିଙ୍ଗ ସେବା, ମିଶନ ଶକ୍ତିର ସଶକ୍ତୀକରଣ, କ୍ରୀଡ଼ା ଓ ଶିକ୍ଷାର ବିକାଶରେ ଆମ ଓଡ଼ିଶା ନବୀନ ଓଡ଼ିଶା ଉଲ୍ଲେଖନୀୟ ସେବା ଯୋଗାଇଛି ବୋଲି କହିଥିଲେ। ପରଦା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରଚାରପ୍ରସାର କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ତରଫରୁ ଦେଶାତ୍ମବୋଧ ନୃତ୍ୟନାଟିକା, ଶାସ୍ତ୍ରୀୟ ଲୋକନୃତ୍ୟ, ଆଦିବାସୀ ନାଚ ଆଦି ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ତରଫରୁ ସମସ୍ତ ଅତିଥି, ଗଣମାଧ୍ୟମ ପ୍ରତିନିଧି, ସମସ୍ତ ଲୋକ ପ୍ରତିନିଧି, ବ୍ଲକର ଯନ୍ତ୍ରୀ, ବିଭିନ୍ନ ପଞ୍ଚାୟତର ପିଇଓ, ଜିଆରଏସ, ମିଶନ ଶକ୍ତିର ସଦସ୍ୟା, ଓଏଲଏମର ସିଆରପି, ଏମବିକେମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସରକାରଙ୍କ ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ବିଭାଗ, ମହିଳା ସମନ୍ୱିତ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଭିନ୍ନ ସ୍ୱେଚ୍ଛାସେବୀ ଦ୍ୱାରା ପିଠା, ମୁଢ଼ି, ଖଜା, ଷ୍ଟ୍ରବେରୀ ଫଳ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଶେଷରେ ଅଂଶଗ୍ରହଣ କରିଥିବା ଆଦର୍ଶ ବିଦ୍ୟାଳୟ ଭାଲେରୀ ଛାତ୍ରୀମାନଙ୍କ ଦ୍ୱାରା କୋଣାର୍କ ମନ୍ଦିର ଓ ଧର୍ମପଦଙ୍କ କାହାଣୀ ଉପରେ ମଞ୍ଚସ୍ଥ ଅଭିନୟ ସମସ୍ତଙ୍କୁ ବହୁତ ଆକର୍ଷିତ କରିଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସାଂସ୍କୃତିକ କାର୍ଯ୍ୟକ୍ରମର କଳାକାରମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ଅତିଥିମାନେ ସମ୍ମାନିତ କରିଥିଲେ।

**ପଦ୍ମପୁର:** ପଦ୍ମପୁର ବ୍ଲକ୍ ଗୁଡ଼ିଆବନ୍ଧ ପଞ୍ଚାୟତର ବସନ୍ତଦେବୀ ହାଇସ୍କୁଲଠାରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚଙ୍କ ସଭାପତିତ୍ୱରେ କରିଥିବାବେଳେ ମୁଖ୍ୟ ଅତିଥି ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଉପସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ମୁଖ୍ୟ ବକ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ୍ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷା ମଣିମାଳା ଶବର ଓ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ସାହୁ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ନେତ୍ରାନନ୍ଦ ଶବର, ଦେବାନନ୍ଦ ପଣ୍ଡା, ପ୍ରଶାନ୍ତ ସାହୁ, ଗୁଡ଼ିଆବନ୍ଧ ସମିତିସଭ୍ୟ ଗୋଦାବରୀ ରାଉତ, ପଦ୍ମପୁର ସହକାରୀ ଯନ୍ତ୍ରୀ ରଶ୍ମିତା ଶବର, ରଘୁନନ୍ଦନ ନାୟକ, ଗୁଡ଼ିଆବନ୍ଧ ବସନ୍ତଦେବୀ ବିଦ୍ୟାପୀଠ ପ୍ରଧାନଶିକ୍ଷକ ହରିଶରଣ ଦାସ, ଗୁଡ଼ିଆବନ୍ଧ କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ମିଶନ ଶକ୍ତି ମହିଳା ସହାୟିକା ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଉପସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା। ଗୁଡ଼ିଆବନ୍ଧ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦ୍ୱାରା ଉନ୍ନୟନମୂଳକ ବିବରଣୀ ଉଲ୍ଲେଖ ଥିବା ଏକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇ ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ କଳାକାରମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ସହ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପଦ୍ମପୁର ବ୍ଲକ୍ ବିଜୁ ଯୁବ ଜନତା ଦଳ ସଭାପତି ପ୍ରଶାନ୍ତ କୁମାର ଦଳେଇ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ରାମ ବାବୁ, ଯୁବ ନେତା ଚକ୍ରପାଣି, କଂସ ବେହେରା, ପଦ୍ମପୁର ବ୍ଲକ୍ ବିଜୁ ଯୁବ ଉପସଭାପତି ଗୋବର୍ଦ୍ଧନ ଶବର, ଯୁବ ନେତା ବଳରାମ ଦାସ, ପଦ୍ମପୁର ବ୍ଲକ ବିଜୁ ଜନତା ଦଳର ନେତା ଦିଗାମ୍ବର ଦାସ, ଗୁଡ଼ିଆବନ୍ଧ ପଞ୍ଚାୟତର ଯୁବ ସଭାପତି ଲୁଲୁ ଦାସ, ଯୁବନେତା ସୁନୀଲ ଦାସ୍, ସାଗର ଶବର ପ୍ରମୁଖ ଯୋଗଦେଇଥିଲେ।

**ଜୟପୁର:** କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ପକ୍ଷରୁ ସ୍ଥାନୀୟ ବାବା ସାହେବ କଲ୍ୟାଣମଣ୍ଡପଠାରେ ୨୬, ୨୭ ଏବଂ ୨୮ ନମ୍ବର ୱାର୍ଡକୁ ନେଇ 'ଆମ ଓଡ଼ିଶା ଓ ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଜାଗା ମିଶନର ଉପଦେଷ୍ଟା ହରିଶଙ୍କର ରାଉତ ଯୋଗଦେଇ ରାଜ୍ୟ ସରକାରଙ୍କ ସହରାଞ୍ଚଳର ବାସିନ୍ଦାଙ୍କ ପାଇଁ ବିଭିନ୍ନ ଉନ୍ନତିମୂଳକ ଯୋଜନା ଏବଂ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏଥିରେ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଉଷାରାଣୀ ଦଣ୍ଡସେନା, ମମତା ବିଶ୍ୱାଳ, ଯଶପାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉକ୍ତ ୩ଟି ୱାର୍ଡର ସାଧାରଣବାସିନ୍ଦା ଯୋଗଦେଇଥିଲେ। ପୌରସଂସ୍ଥାର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବାଲିମେଳା:** ମାଲକାନଗିରି ଜିଲ୍ଲା ବାଲିମେଳା ସହରସ୍ଥିତ ଟାଉନହଲଠାରେ 'ଆମ ଓଡ଼ିଶା-ନବୀନ ଓଡ଼ିଆ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଲକାନଗିରି ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ରତ୍ନାକର ଦାସ ସମ୍ମାନିତ ଅତିଥି ଭାବରେ କାଉନସିଲର ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସୁନିତା ଗୁରୁ, ଦେବେନ୍ଦ୍ର ଦାସ ଓ ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକଳ୍ପ ଉନ୍ନୟନ ଅଧିକାରୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ହେଉଛି ଆମ ସହରର ଉନ୍ନତିକରଣ ତଥା ସମସ୍ତ ଧର୍ମାନୁଷ୍ଠାନଗୁଡ଼ିକର ରୂପାନ୍ତୀକରଣଗୁଡ଼ିକୁ ଲୋକଲୋଚନକୁ ଆଣିବା ଓ ସରକାରଙ୍କର ଜନାଭିମୁଖୀ କାର୍ଯ୍ୟଗୁଡ଼ିକୁ ନେଇ ଲୋକଙ୍କୁ ଜଣେଇବା। ଏହି ପରିପ୍ରେକ୍ଷୀରେ ଲୋକଙ୍କ ପାଇଁ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଯେଉଁଥିରେ ସରକାରଙ୍କ ସମସ୍ତ ଜନମଙ୍ଗଳ କାର୍ଯ୍ୟର ବିବରଣୀକୁ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହରରେ ଥିବା ମହିଳା ଏସଏଚଜି ଗ୍ରୁପର ସମସ୍ତ ମହିଳାମାନେ ଉପସ୍ଥିତ ଥିଲେ। କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବାଲିମେଳା ଏନଏସି ନିର୍ବାହୀ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବେରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମୁନିଗୁଡ଼ା, ୯।୨(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ବେରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁନିଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ରାଓଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତରୁଣ ରାଉତରାୟ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ସହଦେବ ଚିରୁଆନ, ଏବିଇଓ ସୁବାସ ସିଂଙ୍କ ସମେତ ବ୍ଲକ ଶିକ୍ଷା ବିଭାଗ କର୍ମଚାରୀ ଅଭିମନ୍ୟୁ ପ୍ରଧାନ, ବାପୁଜୀ ମହାନ୍ତି, ଭାସ୍କର କାଡ୍ରାକା, ସୁବାସ ଚନ୍ଦ୍ର ଖୁରା, କିଶୋର ପାତ୍ର, କିଶୋର ଚନ୍ଦ୍ର ପଟ୍ଟନାୟକ, ଅକ୍ଷୟ କୁମାର ରଥ, ବିପିନ ବିହାରୀ କର, ରାଜକିଶୋର ଚୌଧୁରୀ, ବ୍ରଜବନ୍ଧୁ ହିଆଲ, ସୁଶାନ୍ତ କୁମାର ପରିଡ଼ା, କୃପାସିନ୍ଧୁ ଓଝା ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ପ୍ରତ୍ୟେକ କ୍ଲଷ୍ଟର ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗୁଡ଼ାରୀ ବ୍ଲକ ଡିମିରିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସେନାପତି ମଞ୍ଚ ପରିଚାଳନା କରିବା ସହ ଅତିଥିଙ୍କ ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ହେମନ୍ତ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ରାଉତ ରାୟ ନିଜ ଅଭିଭାଷଣରେ ପ୍ରଧାନଶିକ୍ଷକଙ୍କ ଆୟୋଜନରେ ହୋଇଥିବା ବ୍ୟବସ୍ଥାର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ପାତ୍ର ପ୍ରଚଳିତ ଶିକ୍ଷା ସହ ପ୍ରାଚୀନ ଭାରତୀୟ ସଂସ୍କୃତିର ମୂଲ୍ୟବୋଧକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଜାଣିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟଗୀତ ପରିବେଷଣ କରିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ଡ୍ରାମା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ନାରାୟଣ ସାହୁ, ସୂର୍ଯ୍ୟକାନ୍ତ ପଣ୍ଡା, ଶିକ୍ଷୟିତ୍ରୀ ମୋନାଲିସା ପଣ୍ଡା ପ୍ରମୁଖଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସହ ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ।



## ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପାପଡ଼ାହାଣ୍ଡି/ଜଟାବାଲ, ୯।୨(ସମିସ):** ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ଗ୍ରାମପଞ୍ଚାୟତ ସଦର ଗ୍ରାମର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଧିରେନ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପାପଡ଼ାହାଣ୍ଡି ବିଡିଓ କପିଳ ଦେବ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସଂଯୁକ୍ତା ଦାସ, ସ୍ଥାନୀୟ ସରପଞ୍ଚ ମାଳତୀ ଭତରା, ପୂର୍ବତନ ସରପଞ୍ଚ ଦେବ ଭତରା, ଅମଲା ସଂଘ ରାଜ୍ୟ ସଭାପତି ବାଲାଜୀ ସାହୁ, ବିଦ୍ୟାଳୟ ସଭାପତି ଭୁବନ ପୂଜାରୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ(ଜରୁରିକାଳୀନ) ହିମାଂଶୁ ଶେଖର ପଟ୍ଟନାୟକ, ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡ଼ା, ଏସ୍ଏମସି ସଭ୍ୟା ଗଙ୍ଗା ଭତରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରି ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ସଭା ଆରମ୍ଭରୁ ପ୍ରଧାନଶିକ୍ଷକ ଶ୍ରୀ ଦାସ ବିଦ୍ୟାଳୟର ବିବରଣୀ ପାଠ କରି ଉପସ୍ଥିତ ଅତିଥିଙ୍କୁ ବିଦ୍ୟାଳୟ ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ପରିଶେଷରେ ପ୍ରମିଳା ଚଲାଣଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଏହି ବାର୍ଷିକ ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପସ୍ଥାପକ ଜିତେନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।



### ରାମଗୁଡ଼ା ପର୍ବତରେ ପ୍ରଭୁ ଶ୍ରୀରାମଙ୍କ ପାଦଚିହ୍ନ ଠାବ

## ଉନ୍ନତିକରଣ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କ ସମୀକ୍ଷା

**ମାଲକାନଗିରି, ୯।୨(ସମିସ):** ମାଲକାନଗିରି ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ରାମଗୁଡ଼ାଠାରେ ଏକ ପର୍ବତ ଶିଖରରେ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ପାଦଚିହ୍ନ ଠାବ କରାଯାଇଛି। ଏ ନେଇ ଉତ୍ସବମୁଖର ହୋଇ ଉଠିଛି ଅଞ୍ଚଳ। ସେହି ଅଞ୍ଚଳର ଜନଜାତି ସମ୍ପ୍ରଦାୟର ଆଦିବାସୀ ପୂଜାର୍ଚ୍ଚନା କରିଆସୁଥିବାବେଳେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ଉକ୍ତ ସ୍ଥାନର ପରିଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି ଏବଂ ସେହି ସ୍ଥାନଟି କିଭଳି ଉନ୍ନତିକରଣ ହୋଇପାରିବ ସେ ଦିଗରେ ସ୍ଥାନୀୟ ବୁଦ୍ଧିଜୀବୀ, ପୂଜାରୀ, ପେଦାମାନଙ୍କ ସାଙ୍ଗରେ ଆଲୋଚନା କରିଥିଲେ। ବର୍ତ୍ତମାନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ସ୍ଥାନରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିବାର ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରୁ ଠାକୁର ବିମାନ ଓ ଲାଠିଧାରୀ ଭକ୍ତମାନେ ପାହାଡ଼ ନିକଟରେ ପହଞ୍ଚି ପୂଜା କରୁଥିବାବେଳେ କାଳିସୀ, ଦିଶାରୀ, ପୂଜାରୀମାନଙ୍କ ନୃତ୍ୟ ସାଙ୍ଗକୁ ଘଣ୍ଟ ଓ ବାଦ୍ୟରେ କମ୍ପି ଉଠିଛି ପୂଜାସ୍ଥଳ।

## ଖରାଦିନ ପୂର୍ବରୁ ଭିମାରୀପୁଟ ଗ୍ରାମରେ ଜଳ କଷ୍ଟ

■ **ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ; ଚୁଆ ଭରସା**

**ନନ୍ଦପୁର, ୯।୨(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ବନମାଳୀପୁଟ ପଞ୍ଚାୟତ ଅନ୍ତର୍ଗତ ଭୀମାରିପୁଟ ଗ୍ରାମରେ ଖରାଦିନ ପୂର୍ବରୁ ପାନୀୟ ଜଳ ସଙ୍କଟ ଉତ୍କଟ ହୋଇଛି। ସୌରଚାଳିତ ପାନୀୟଜଳ ପ୍ରକଳ୍ପ ଦୁଇ ବର୍ଷ ହେବ ଅଚଳ ହୋଇ ପଡ଼ିଥିବା ବେଳେ ଗ୍ରାମବାସୀ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଗ୍ରାମବାସୀ ପାନୀୟ ଜଳ ପାଇଁ ଚୁଆ ପାଣି ଉପରେ ଭରସା କରୁଛନ୍ତି। ସୂଚନାନୁଯାୟୀ, ଆଜିକୁ ଦୁଇ ବର୍ଷ ହେବ ଗ୍ରାମରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବା ବେଳେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବା ଅଭିଯୋଗ ହୋଇଛି। ବହୁବାର ଅଚଳ ପ୍ରକଳ୍ପ ମରାମତି ନେଇ କର୍ତ୍ତୃପକ୍ଷଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ପ୍ରଶାସନ ଶୁଣି ନଥିବା ଅଭିଯୋଗ କରିଛନ୍ତି ଭିମାରୀପୁଟବାସୀ। ପାନୀୟଜଳ ପ୍ରକଳ୍ପ ଉପରେ ଗ୍ରାମର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରୁଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍କୁଲ୍ ଛାତ୍ରଛାତ୍ରୀ ମଧ୍ୟ ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଗ୍ରାମବାସୀ କହିଛନ୍ତି। ସେପଟେ ଗ୍ରାମର ୩ଟି ନଳକୂଅ ରହିଥିବା ବେଳେ ସେଥିମଧ୍ୟରୁ ୨ଟି ନଳକୂପ ଅଚଳ ଅବସ୍ଥାରେ ରହିଛି। ସୌର ପ୍ରକଳ୍ପ ସାଙ୍ଗକୁ ନଳକୂପ ମଧ୍ୟ ଅଚଳ ହୋଇଥିବାରୁ ଗ୍ରାମବାସୀ ଅନ୍ୟ ଉପାୟ ନ ପାଇଁ ଚୁଆ ପାଣିର ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ



ଜଳ ଅଭାବ ଗ୍ରାମ ପାଇଁ ଜଳକଷ୍ଟ ସୃଷ୍ଟିହେବ ବୋଲି ଗ୍ରାମବାସୀମାନେ କହିଛନ୍ତି। ବେଳ ଥାଉଣୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ବନମାଳୀପୁଟ ଗ୍ରାମରେ ଦେଖା ଦେଇଥିବା ପାନୀୟ ଜଳ ସମସ୍ୟା ଦୂର ହୋଇ ପାରିବ ବୋଲି ଗ୍ରାମବାସୀ ଆଶାବ୍ୟକ୍ତ କରିଛନ୍ତି।

## ଅବହେଳିତ ଅବସ୍ଥାରେ ନର୍ସରୀ; ବନ ବିଭାଗକୁ ହସ୍ତାନ୍ତର ଦାବି

**ପାପଡ଼ାହାଣ୍ଡି, ୯।୨(ସମିସ)**

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ଅଧୀନସ୍ଥ କଦଭଟା ଗ୍ରାମଠାରେ ରହିଥିବା ନର୍ସରୀ ଅବହେଳିତ ଅବସ୍ଥାରେ ରହିଛି। ଏହାକୁ ବନ ବିଭାଗକୁ ହସ୍ତାନ୍ତର କରି ତାହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାପ୍ରକାରେ, ୨୦୦୨ ରେ ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଜଳ ବିଭାଜିକା ଯୋଜନା ମାଧ୍ୟମରେ ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ଅଧୀନସ୍ଥ କଦଭଟା ଗ୍ରାମଠାରେ ୫ ଏକର ଜମିକୁ ନେଇ ସମନ୍ୱିତ ପତିତ ଜମି ଉନ୍ନୟନ ଯୋଜନାରେ ଏକ ନର୍ସରୀ ସ୍ଥାପିତ କରାଯାଇଥିଲା। ଏହି ଯୋଜନା ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଚାଲିଥିଲା। ଏହି ଯୋଜନା ମାଧ୍ୟମରେ ସ୍ଥାପିତ ତଥା କାର୍ଯ୍ୟକାରୀ ହେଉଥିବା ନର୍ସରୀ, ଆଡ଼ିବନ୍ଧ, ଚେକ୍ଡ୍ୟାମ୍, ଗାଧୁଆତୁଠ, ଫାର୍ମ ପୋଖରୀର ପରିଚାଳନା ପାଇଁ ଗ୍ରାମର କିଛି ବ୍ୟକ୍ତିଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଜଗନ୍ନାଥ ହରିଜନ ଏବଂ ସମ୍ପାଦକ ଭାବେ ଧନସିଂ ହରିଜନଙ୍କ ସମେତ ୧୨ ଜଣ ସଦସ୍ୟଙ୍କୁ ବଛାଯାଇଥିଲା। ସେହି ସମୟରେ ଏହି



ଯୋଜନା ମାଧ୍ୟମରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସରକାରଙ୍କ ତରଫରୁ ଉନ୍ନତିମୂଳକ କାର୍ଯ୍ୟ ତଥା ମୃତ୍ତିକା ସଂରକ୍ଷଣ ପାଇଁ ନର୍ସରୀ ଓ ଖୋଲା ସ୍ଥାନରେ ଆମ୍ବ, ନଡ଼ିଆ, କାଜୁ ଓ ଆକାଶିଆ ଗଛ ଲଗାଯାଇଥିଲା। ଏହି ଯୋଜନାରେ ଗ୍ରାମବାସୀଙ୍କ ଜମିରେ ମୃତ୍ତିକା ସଂରକ୍ଷଣ ପାଇଁ ମାଟିହୁଡ଼ା, ଫାର୍ମ ପୋଖରୀ, ବିଭିନ୍ନ ଅର୍ଥକାରୀ ଗଛ ଲଗାଇବା, ଚେକଡ୍ୟାମ, ଗାଧୁଆ ତୁଠ, ଏସ୍ଏଚ୍ଜି ମହିଳାଙ୍କୁ ଛେଳି, ଉନ୍ନତମାନର କୁକୁଡ଼ା, ବତକ ଓ ମେଣ୍ଢା ମାଗଣାରେ ଦିଆଯାଇଥିଲା। ଏହି ଯୋଜନା ୫ ବର୍ଷିଆ ହୋଇଥିବାରୁ ଯୋଜନାଟି ୨୦୦୭ ମସିହାରେ ବନ୍ଦ ହୋଇଯାଇଛି । ଫଳରେ ବର୍ତ୍ତମାନ ଉକ୍ତ ଯୋଜନାରେ କଦଭଟା ଗ୍ରାମରେ ୫ ଏକର ବିଶିଷ୍ଟ ସ୍ଥାନରେ ନିର୍ମିତ ହୋଇଥିବା ନର୍ସରୀ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଉକ୍ତ ଜମିର କିଛି ଭାଗ କିଛି ଲୋକେ ଅକ୍ତିଆର କରି ଚାଷ କାମରେ ବିନିଯୋଗ କରୁଛନ୍ତି। ବନବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଚାରା ଆଣିବାକୁ ଅଞ୍ଚଳବାସୀ ମୈଦାଲପୁର ଓ ପାପଡ଼ାହାଣ୍ଡି ମୃଗବିହାର ନିକଟରେ ଥିବା ଚାରା ପ୍ରସ୍ତୁତ କେନ୍ଦ୍ରକୁ ଯିବାକୁ ପଡୁଥିବା ବେଳେ ଏଥିପାଇଁ ବହୁତ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଏହି ଅବହେଳିତ ନର୍ସରୀକୁ ବନବିଭାଗକୁ ହସ୍ତାନ୍ତର କରାଯାଇ ଉକ୍ତ ଜାଗାର ରକ୍ଷଣାବେକ୍ଷଣ ସହ ଚାରା ପ୍ରସ୍ତୁତ କରାଗଲେ ଅଞ୍ଚଳବାସୀ ସୁବିଧାରେ ଚାରା ପାଇପରନ୍ତେ ବୋଲି ସ୍ଥାନୀୟଲୋକେ କହିଛନ୍ତି। ନର୍ସରୀକୁ ବନ ବିଭାଗକୁ ହସ୍ତାନ୍ତର କରି ତାହାର ପୁନରୁଦ୍ଧାର କରିବା ସହ ଚାରା ପ୍ରସ୍ତୁତ କରାଯିବା ଉପରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଉକ୍ତ ଜାଗାରେ ବନବିଭାଗ ଚାରା ପ୍ରସ୍ତୁତ କଲେ ଅଞ୍ଚଳର ପାଖାପାଖି ୩୦ଟି ଗ୍ରାମର ଲୋକେ ଉପକୃତ ହୋଇଥାନ୍ତେ ବୋଲି ସନପଥ ଭତରା, ଧନର ମାଝୀ, ଉଆସୁ ମାଝୀ, ଜଗନ୍ନାଥ ହରିଜନ, ଧନସିଂ ହରିଜନ, ପର୍ଶୁରାମ ମାଝୀ, ତୁଳା ଯାନୀ, ଯୋଗୀରାମ ଭତରା, ବୈଶାଖୁ ଭତରା, ଶ୍ୟାମ ଭତରା, ଦଇନୁ ଯାନୀ, ବେଣୁ ଭତରା ଓ ଡମରୁ ଗୌଡ଼ ପ୍ରମୁଖ କହିଛନ୍ତି।

